# ଆଜି ଆସୁଛନ୍ତି ମୁଖ୍ୟମନ୍ତ୍ରୀ; କର୍ମୀ ଉତ୍ସାହିତ



## ରାଇରଙ୍ଗପୁର ଓ ବାରିପଦାରେ ପ୍ରସ୍ତୁତି ଶେଷ

**ବାରିପଦା/ରାଇରଙ୍ଗପୁର, ୨୩।୫(ସମିସ)**

ସାଧାରଣ ନିର୍ବାଚନ ପ୍ରଚାର ପାଇଁ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲାକୁ ଦିନିକିଆ ଗସ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସୁଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ବିମାନ ବନ୍ଦରରୁ ୧୦.୨୫ରେ ହେଲିକ୍ୟାପ୍ଟର ଯୋଗେ ବାହାରି ରାଇରଙ୍ଗପୁର ସ୍ଥିତ କନ୍ୟା ଆଶ୍ରମ ପଡ଼ିଆରେ ୧୧.୩୦ଅବତରଣ କରିବେ। କଚେରୀ ପଡ଼ିଆରେ ନିର୍ବାଚନୀ ପ୍ରଚାର ସମାବେଶରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ସମାବେଶ ସାରି ବାରିପଦାର ଛଉ ପଡ଼ିଆରେ ୧୨.୩୫ରେ ପହଞ୍ଚିବେ। ଉଭୟ ସ୍ଥାନରେ ଆୟୋଜିତ ସମାବେଶରେ ମୟୂରଭଞ୍ଜ ଲୋକସଭା ନିର୍ବାଚନ ମଣ୍ଡଳୀ ଓ ତା' ଅଧୀନରେ ଥିବା ବାରିପଦା, ବାଙ୍ଗିରିପୋଷି, ମୋରଡା, ଉଦଳା, ସାରସକଣା, ଯଶିପୁର ଓ ରାଇରଙ୍ଗପୁର ୭ଟି ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ବିଜୁ ଜନତା ଦଳର ପ୍ରାର୍ଥୀଙ୍କ ନିମନ୍ତେ ଜନସାଧାରଣଙ୍କ ବିପୁଳ ପରିମାଣରେ ସମର୍ଥନ ନେଇ ନିବେଦନ କରିବେ। କାର୍ଯ୍ୟକ୍ରମ ସାରି ୧.୧୫ଟାରେ ବାରିପଦା ସ୍ଥିତ ସର୍କିଟ ହାଉସରେ ମଧ୍ୟାହ୍ନ ଭୋଜନ କରି ବିଶ୍ରାମ ନେବେ। ପରେ ଅପରାହ୍ନ ୩୨୫ରେ ଛଉ ପଡ଼ିଆରୁ ହେଲିକେପ୍ଟର ଯୋଗେ ବାଲେଶ୍ୱର ଜିଲ୍ଲାକୁ ଗସ୍ତ କରିବା ଗସ୍ତସୂଚୀ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୟୁରଭଞ୍ଜ ଜିଲ୍ଲା ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି।

ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରସକଣା, ରାଇରଙ୍ଗପୁର ଓ ଯଶିପୁର ବିଧାନସଭା ପ୍ରାର୍ଥୀ ଏବଂ ଲୋକସଭା ପ୍ରାର୍ଥୀଙ୍କ ପାଇଁ ପ୍ରଚାର ପାଇଁ ରାଇରଙ୍ଗପୁର ଆସୁଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଦେଖାଯାଇଛି। ମୁଖ୍ୟମନ୍ତ୍ରୀ ସକାଳ ୧୧.୩୦ ସମୟରେ ରାଇରଙ୍ଗପୁର ମହୁଲଡିହା ଖେଳ ପଡ଼ିଆରେ ହେଲିକପ୍ଟର ଯୋଗେ ଅବତରଣ କରିବେ। ପରେ ନିର୍ବାଚନୀ ସଭାରେ ଯୋଗ ଦେଇ ଉପସ୍ଥିତ ଲୋକଙ୍କୁ ଉଦବୋଧନ ଦେବେ। ସଭାରେ ସାରସକଣା ବିଧାନସଭା ପ୍ରାର୍ଥୀ ଡଃ ଦେବାଶିଷ ମାର୍ଣ୍ଡି, ଯଶିପୁରର ଚକ୍ରଧର ହେମ୍ବ୍ରମ, ରାଇରଙ୍ଗପୁରର ରାଇସେନ ମୁର୍ମୁ ଏବଂ ଲୋକସଭା ପ୍ରାର୍ଥୀ ସୁଦାମ ମାର୍ଣ୍ଡି ସହିତ ବିଜେଡିର ବରିଷ୍ଠ ନେତା ଉପସ୍ଥିତ ରହିବେ। ରାଇରଙ୍ଗପୁର ସଭା ପରେ ମୁଖ୍ୟମନ୍ତ୍ରୀ ବାରିପଦା ଆଭିମୁଖେ ପ୍ରସ୍ଥାନ କରିବେ।

## ଖଣି ଦୁର୍ନୀତି ମାମଲା

# ସିଦ୍ଧାର୍ଥ ସ୍ୱଞ୍ଜି ଆଇରନ ମାଲିକ ଗିରଫ

**ବାରିପଦା, ୨୩।୫(ସମିସ):** ଖଣି ଦୁର୍ନୀତି ମାମଲାରେ ମୟୂରଭଞ୍ଜ ଜିଲ୍ଲାର ଜଣେ ଖଣି ମାଲିକଙ୍କୁ ଇଡି ଗିରଫ କରିଛି। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଅଞ୍ଚଳର କାଶୀବେଡା ସ୍ଥିତ ସିଦ୍ଧାର୍ଥ ସ୍ୱଞ୍ଜି ଆଣ୍ଡ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ଆନନ୍ଦ ଅଗ୍ରୱାଲଙ୍କୁ ଗିରଫ କରାଯାଇଛି। ଗିରଫ ପରେ ଆନନ୍ଦ ଅଗ୍ରୱାଲଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ସିଦ୍ଧାର୍ଥ ସ୍ୱଞ୍ଜି ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ବେଆଇନ ଏବଂ କ୍ଷମତା ଠାରୁ ଅଧିକ ଖଣି ଖନନ କରିଥିବା ନେଇ ଅଭିଯୋଗ ହୋଇଥିଲା। ଖଣି ଖନନ ପାଇଁ ମିଳିଥିବା ଅନୁମତି ଅଞ୍ଚଳରେ ଅଧିକ ଖଣି ଖନନ କରି ଲୁହାପଥର ଖଣିଜ ପଦାର୍ଥକୁ ଖନନ କରାଯାଇଥିବା ଅଭିଯୋଗ ରହିଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ପୂର୍ବରୁ ତଦନ୍ତ କରାଯାଇ ଭିଜିଲାନ୍ସ ନିର୍ଦ୍ଦେଶାଳୟରୁ ଏକ ମାମଲା ରୁଜୁ କରାଯାଇଥିଲା। ଉକ୍ତ ଦୁର୍ନୀତି ଘଟଣାକୁ ଆଧାର କରି ଇଡି ପକ୍ଷରୁ ଏକ କେସ ରୁଜୁ କରଯାଇ ତନାଘନା କରାଯାଇଥିଲା। ଏପରିକି ପ୍ରିଭେନସନ ଅଫ ମନି ଲଣ୍ଡରି ଆକ୍ଟରେ କେସ ରୁଜୁ ହୋଇ ଘଟଣାର ତଦନ୍ତ ହୋଇଛି। ଗତ ୨୦୨୩ରେ ଏ ନେଇ ବିଭିନ୍ନ ସ୍ଥାନରେ ଇଡି ପକ୍ଷରୁ ଚଢ଼ଉ କରଯାଇଥିଲା। ଏପରିକି ଏ ସମ୍ପର୍କିତ ବିଭିନ୍ନ ସ୍ଥାନରେ ଚଢଉ କରି ଅନେକ ସ୍ଥାବର ସମ୍ପତ୍ତିର ଇଡି ଦ୍ୱାରା ହିସାବ ନିକାଶ କରାଯାଇଥିଲା। ପରେ ଏ ନେଇ ୨୧କୋଟି ଟଙ୍କାର ସରକାରୀ ଆର୍ଥିକ କ୍ଷତି ନେଇ ଇଡି ରିପୋର୍ଟ ପ୍ରଦାନ କରିଥିଲା। ୩୫ କୋଟି ଟଙ୍କା ବେଆଇନ ଭାବେ ନିବେଶ କରିଥିବା ମଧ୍ୟ ଜାଣିବାକୁ ମିଳିଥିଲା। କମ୍ପାନୀ କର୍ତ୍ତୃପକ୍ଷ ସହ ଆନନ୍ଦ ଅଗ୍ରୱାଲଙ୍କୁ ମଧ୍ୟ ଅନେକ ଥର ଏହି ଘଟଣା ବାବଦରେ ତଥ୍ୟ ରଖିବାକୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ନୋଟିସକୁ ବାରମ୍ବାର ପ୍ରତ୍ୟାଖାନ କରିବା ଯୋଗୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶେଷରେ ତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଶ୍ରୀ ଅଗ୍ରୱାଲଙ୍କୁ ଗିରଫ କରାଯାଇଛି। ରିମାଣ୍ଡରେ ନେଇ ପଚରାଉଚରା କରିବା ପରେ ଇଡି ଦ୍ୱାରା କୋର୍ଟରେ ହାଜର କରିବା ପରେ ଆସନ୍ତା ୪ ତାରିଖ ଯାଏଁ ସେ ବିଚାର ବିଭାଗୀୟ ହାଜତରେ ରହିବେ ବୋଲି ଜଣାପଡ଼ିଛି।



## ସଦ୍‌ଭାବନା ସମିତିର ୫୪୧ତମ ମାସିକ ସନ୍ଥ ଦିବସ ପାଳିତ

# ବୁଦ୍ଧ ପୂର୍ଣ୍ଣିମାକୁ ସନ୍ଥ ଦିବସ ଘୋଷଣା ଦାବି

**ବାରିପଦା, ୨୩।୫(ସମିସ)**



ଈଶ୍ୱର କୌଣସି ମୂର୍ତ୍ତିରେ ବାସ କରନ୍ତି ନାହିଁ, ଏହା ସନ୍ଥବାଣୀ। ମନ୍ଦିର ଭିତରେ ଯଦି ଭଗବାନ ବିରାଜମାନ ତେବେ ବିଶ୍ୱବ୍ରହ୍ମାଣ୍ଡକୁ ମନ୍ଦିର ବାହାରେ ଚଳାଉଛି କିଏ ? ବରଂ ଈଶ୍ୱରଙ୍କ ଅଂଶ ଜ୍ୟୋତିରୂପା ଆତ୍ମଚଳନଶୀଳ ଦେହ ଦେବାଳୟରେ ବିରାଜିତ; ଯାହାକି କାମରେ ଦୋଷ ନ ଥିଲେ ଅପବିତ୍ର ହୋଇ ନ ଥାଏ। ଗୌତମ ବୁଦ୍ଧଙ୍କ ଏହି ମହାନ୍ ବାଣୀକୁ ଦୋହରାଇ ବାରିପଦା ସଦ୍‌ଭାବନା ସମିତି ୫୪୧ତମ ମାସିକ ସନ୍ଥ ଦିବସ ଇଂ.ସର୍ବେଶ୍ୱର ଭୂୟାଁଙ୍କ ପୌରୋହିତ୍ୟରେ ପାଳନ କରିଛି। ସମିତିର ପରମ୍ପରା ଅନୁସାରେ ଚଳିତ ମାସରେ ଧରାବତରଣ କରିଥିବା ଗୌତମ ବୁଦ୍ଧ, ରମଣମହର୍ଷି ଏବଂ ମୀରାବାଈଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରବୀଣ ପ୍ରବକ୍ତା ଭାବେ ମୁନିଶ୍ୱର ନିରଞ୍ଜନ ଶାସ୍ତ୍ରୀ ବଡଭୁଲକୁ ଛୋଟିଆ ଶାସ୍ତି ଦେଲେ ସମାଜ ଅମଣିଷଙ୍କ ଚରାଭୂଇଁ ହେବ ବୋଲି ମନ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ଦୈନିକ 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ କେନ୍ଦ୍ର ସରକାର ବହୁ ଦିବସକୁ ଗୁରୁ ଦିବସ, ଶିଶୁଦିବସ ଆଦି ନାମରେ ପାଳନ କରିବାକୁ ସ୍ୱୀକୃତି ଦେଇଥିବାବେଳେ ଅହିଂସା ପରମ ଧର୍ମର ସୂତ୍ରଧର ଭଗବାନ ବୁଦ୍ଧଦେବଙ୍କ ଜୟନ୍ତୀକୁ ପୃଥିବୀରେ ଆବିର୍ଭାବ ହୋଇଥିବା ସର୍ବଧର୍ମ ସମ୍ପ୍ରଦାୟର ସିଦ୍ଧ ସନ୍ଥ ଦାର୍ଶନିକମାନଙ୍କ ଋଣ ପରିଶୋଧ ଉଦ୍ଦେଶ୍ୟରେ ଏହି ଦିବସକୁ ସନ୍ଥଦିବସ ରୂପେ ଗ୍ରହଣ କରିବାକୁ ମୟୂରଭଞ୍ଜ ମାଟିରୁ ସଦ୍‌ଭାବନା ସମିତିର ସୁଦୀର୍ଘ ୪୫ବର୍ଷଅଭିଯାନକୁ ମାନ୍ୟତା ମିଳିଲେ ତାହା ସମଗ୍ର ମାନବ ଜାତି ପାଇଁ ଅଭିନବ ପଦକ୍ଷେପ ହେବ ବୋଲି ମନ୍ତବ୍ୟ ରଖିଥିଲେ। ବ୍ରହ୍ମକୁମାରୀ ଭଉଣୀ ଉମା, ସଙ୍ଗ ବିହାରର ଭାଇ ବେଣୁଧର ମହାରଣା, ନିଗମାନନ୍ଦ ଆଶ୍ରମ ଭାଇ ଅଲେଖଚନ୍ଦ୍ର ପାଠୀ, ମୁନିସମାଜର ଭାଇ ଶିରିଷ ଚନ୍ଦ୍ର ସାହୁ, ଗାୟତ୍ରୀ ପରିବାରର ଭାଇ ରସାନନ୍ଦ ବଳା, ସତ୍ୟସାଇର ଭାଇ ମାନସ ରଞ୍ଜନ ମହାପାତ୍ର, ରାଧେଗୋବିନ୍ଦ ଧାମର ଭାଇ ପଶୁପତି ନାଏକ, ଖାଲସା ପନ୍ଥର ଭାଇ ସର୍ଦ୍ଦାର ହରଚରଣ ସିଂ, ଇସ୍‌ଲାମ ଧର୍ମରଜନାବ୍ ଏସ୍.କେ. ମୟୀ ଉଦ୍ଦିନ ଅଜିଜ୍, ଖ୍ରୀଷ୍ଟ ଧର୍ମର ଫାଦର ସୁବୋଧ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ମାନବ ଧର୍ମର ପ୍ରବର୍ତ୍ତକ ସନ୍ଥମୂର୍ତ୍ତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପ୍ରଭୁ ଶ୍ରୀରାମଚନ୍ଦ୍ର ଯଦି ଶବରୀର ଅଇଁଠା କୋଳିଖାଇ ଏବଂ ସାମାନ୍ୟ କୈବର୍ତ୍ତ୍ୟର ପଦଧୋଇ ତଥା ଭଗବାନ ଶ୍ରୀକୃଷ୍ଣ ଯଦି ଗରିବ ସୁଦାମାର ପାଦଧୋଇ ସିଂହାସନରେ ବସାଇ ଏବଂ ଧର୍ମରାଜ ଯୁଧିଷ୍ଠିରଙ୍କ ଏକ ଯଜ୍ଞ ସଭାରେ ଉପସ୍ଥିତ ଭକ୍ତଜନଙ୍କ ପ୍ରସାଦ ସେବନ ପରେ ସେମାନଙ୍କ ଅଇଁଠା ଖଳିପତ୍ରକୁ ସେ ଉଠାଇବାର ଦାୟିତ୍ୱ ନେଇ ଯେଉଁ ସେବାର ସେବକର ପରିଚୟ ଦେଲେ ତାହା ଆମର ଚର୍ଯ୍ୟା ହେବା ଉଚିତ ବୋଲି ମନ୍ତବ୍ୟ ରଖିଥିଲେ। ସଭାରେ ସମୀକ୍ଷକ ଭାବେ ବରିଷ୍ଠ ସାମ୍ବାଦିକ ଡ.ବିଜୟ ଅଗ୍ରୱାଲ, ସମିତିର ସମ୍ପାଦକ ସତ୍ୟାନନ୍ଦ ଶେଜପଡ଼ା ସାଧୁବାଦ ଏବଂ ସହସମ୍ପାଦକ ଇଂ.ସରୋଜ କୁମାର ଦଣ୍ଡପାଟ ସମେତ ବହୁ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁଯତ୍ନ ସଂସ୍ଥା ପକ୍ଷରୁ ବିଶ୍ୱ କଚ୍ଛପ ଦିବସ ପାଳିତ



**ବାରିପଦା, ୨୩।୫(ସମିସ):** ବାରିପଦା ଉପକଣ୍ଠ ଭଗତପୁର ଶିଶୁଯତ୍ନ ସଂସ୍ଥା ଦ୍ୱାରା ଗୁରୁବାର ବିଶ୍ୱ କଚ୍ଛପ ଦିବସ ପାଳିତ ହୋଇଯାଇଛି। ସଂସ୍ଥାର କାର୍ଯ୍ୟକର୍ତ୍ତା ଦେବଦତ୍ତ ମହାନ୍ତି, ମିସ ଭାସ୍ୱତି ବାରିକ୍ ଏବଂ ରାଇମଣି ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ ପ୍ରମୋଦ ଚନ୍ଦ୍ର ସାହୁ ଯୋଗଦେଇ ବିଶ୍ୱ କଚ୍ଛପ ଦିବସ ପାଳନର ଉଦ୍ଦେଶ୍ୟ, ମାନବ ସମାଜ ଓ ପ୍ରକୃତିର ସୁରକ୍ଷା ପାଇଁ କଇଁଛର ଭୂମିକା ବିଷୟରେ ମତ ରଖିଥିଲେ। ବିଶେଷକରି ଗହୀରମଥା ଅଭୟାରଣ୍ୟ, ଋଷିକୂଲ୍ୟା ମୁହାଣରେ ଅଣ୍ଡାଦାନ ପ୍ରକ୍ରିୟା, ବିରଳ ଅଲିଭରିଡ଼ଲେ ପ୍ରଜାତିର କଇଁଛମାନଙ୍କ ସୂତ୍ରଲତା ତଥା କଇଁଛ ଠେକୁଆ ଗଳ୍ପର ତାରିକ ଅର୍ଥ ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଟୁଡୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ କଇଁଛମାନଙ୍କର ଜୀବନଶୈଳୀ ଓ ସେମାନଙ୍କର ସୁରକ୍ଷା ସମ୍ବନ୍ଧରେ ତଥ୍ୟ ବିବରଣୀ ପ୍ରଦାନ କରିଥିଲେ। ପରେ ପିଲାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ଅବସରରେ କଚ୍ଛପ ଉପରେ ଆଧାରିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା ଏବଂ ଶିଶୁମାନଙ୍କର ଉତ୍ସାହ ବୃଦ୍ଧି ପାଇଁ ଖାଦ୍ୟସାମଗ୍ରୀ, ଡ୍ରଇଁ କାଗଜ, ରଙ୍ଗୀନ ପେନସିଲ ଆଦି ଉପହାର ସ୍ୱରୂପ ଦିଆଯାଇଥିଲା। ଶେଷରେ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ



**ବାରିପଦା, ୨୩।୫(ସମିସ):** ଅଲଚିକି ଭାଷାର ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚାର ଆଦିବାସୀ ଛାତ୍ର ଶାଖା ଆନୁକୂଲ୍ୟରେ ଜିଲ୍ଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ସ୍ଥାନୀୟ ଜୁବଲି ମଣ୍ଡପରେ ଆୟୋଜିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ତମ ଜନ୍ମ ଜୟନ୍ତୀ ପାଳନ ଉତ୍ସବ ପ୍ରାରମ୍ଭରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମିଶନ ଓଲଚିକି ଭାଷା କିଭଳି ସଫଳ ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା। ସମସ୍ତ ଡିଗ୍ରୀ ମହାବିଦ୍ୟାଳୟ ଗୁଡିକରେ ସନ୍ତାଳୀ ଭାଷାର ସ୍ନାତକ ଡିଗ୍ରୀ ଖୋଲିବା ନେଇ ଦାବି କରାଯାଇଛି। ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସାନ୍ତାଳୀ ସମ୍ପ୍ରଦାୟ ଓ ସମାଜ ପ୍ରତି ତାଙ୍କର ଅବଦାନକୁ ଜନମାନସରେ ଉପସ୍ଥାପନ କରିଥିଲେ। ସାନ୍ତାଳୀ ଲିପି ଓଲଚିକି ଭାଷାର ସ୍ରଷ୍ଟା ଆଦରଣୀୟ ଗୁରୁ ଗୋମକେ ଚିନ୍ତାନାୟକ, କବି, ଲେଖକ ଓ ଦାର୍ଶନିକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଆଦିବାସୀ ସମାଜର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ବଜାଇ ରହିବାକୁ କାର୍ଯ୍ୟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରଞ୍ଜିତା ମାର୍ଣ୍ଡି, ରଶ୍ମି ମୁର୍ମୁ, ସୁନିତା ମୁର୍ମୁ, ଦିଲୀପ ମାର୍ଣ୍ଡି, ଗଣେଶ ମାର୍ଣ୍ଡି, ମାଝୀଯା ମାର୍ଣ୍ଡି, କମଲ ବାସ୍କେ ଓ ଗୋବିନ୍ଦ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରଲର ପଛକୁ ଧକ୍କା ଦେଲା ପିକ୍‌ଅପ୍; ୩ ଆହତ

**ବାରିପଦା, ୨୩।୫(ସମିସ):** ମଞ୍ଚାବନ୍ଧା ନିକଟ ୧୮ ନଂ ଜାତୀୟ ରାଜପଥରେ ଏକ ଟ୍ରଲର ପଛକୁ ଏକ ପିକଅପ ଧକ୍କା ଦେବାରୁ ଚାଳକ ସମେତ ୩ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଏକ ପିକଅପ ଭ୍ୟାନରେ ଲାଇଟ ଓ ସାଉଣ୍ଡ ସରଞ୍ଜାମ ନେଇ ବାରିପଦାରୁ ବାଲେଶ୍ୱର ପଟକୁ ଯାଉଥିବା ବେଳେ ବାରିପଦା ସଦର ଥାନା ଅନ୍ତର୍ଗତ ମଞ୍ଚାବନ୍ଧାଠାରେ ଜାତୀୟ ରାଜପଥରେ ସମ୍ମୁଖରେ ଯାଉଥିବା ଟ୍ରଲର ପଛକୁ ଧକ୍କା ଦେଇଥିଲା। ଫଳରେ ଟ୍ରଲର ପଛରେ ମାଡ଼ ଯୋଗୁଁ ପିକଅପ ଭ୍ୟାନର କ୍ୟାବିନ ଭିତରେ ଚାଳକ ସମେତ ୩ ଜଣ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ଏ ନେଇ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି କ୍ୟାବିନ ମଧ୍ୟରୁ ୩ଜଣ ଗୁରୁତର ଆହତଙ୍କୁ ଉଦ୍ଧାର କରି ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ବର୍ତ୍ତମାନ ୩ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଏନେଇ ପୁଲିସ ପକ୍ଷରୁ ଏକ ଦୁର୍ଘଟଣା ମାମଲା ରୁଜୁ କରି ଗାଡି ଗୁଡ଼ିକ ଜବତ କରି ତଦନ୍ତ ଜାରି ରହିଛି ବୋଲି ଆଇଆଇସି ମଧୁସ୍ମିତା ମହାନ୍ତି କହିଛନ୍ତି।

## କାର୍ ଦୁର୍ଘଟଣାକୁ ନେଇ ଅଟୋ ଚାଳକଙ୍କୁ ଆକ୍ରମଣ

**ବାରିପଦା, ୨୩।୫(ସମିସ):** ବାରିପଦା ସହରରେ ଅଟୋ ଓ କାର ଦୁର୍ଘଟଣାକୁ ନେଇ ଅଟୋ ଚାଳକଙ୍କୁ ଆକ୍ରମଣ କରାଯାଇଥିଲା। ଏ ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ୱାର୍ଡ ନମ୍ବର ୨୫, ଛାଞ୍ଚି ଅଞ୍ଚଳର ଜିତେନ୍ଦ୍ର ପଣ୍ଡିତ ଅଭିଯୋଗ କରିଛନ୍ତି। ଅଟୋ ଚାଳକ ଜଣକ ସ୍ଥାନୀୟ ପିଆରଏମ ହସ୍ପିଟାଲରୁ ଯାତ୍ରୀ ନେଇ ଯାଉଥିବା ବେଳେ ଷ୍ଟେସନ ବଜାରଠାରେ ଏକ କାର ଆସି ଅଟୋକୁ ପଛପଟୁ ଏକ ଧକ୍କା ଦେଇଥିଲା। ଫଳରେ ଅଟୋଟି ଭାଙ୍ଗିଯାଇଥିଲା। ଧକ୍କା ଦେଇଥିବା କାର ଚାଳକଙ୍କୁ ପଚାରିବାରେ ସେ ଉତକ୍ଷିପ୍ତ ହୋଇ ତାଙ୍କ ମୁଣ୍ଡକୁ ଶକ୍ତ ଆଘାତ କରିଥିଲା। ଏ ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## ବିଜେପି ମୟୂରଭଞ୍ଜ ଲୋକସଭା ପ୍ରାର୍ଥୀଙ୍କ ବସ୍ତି ପରିଦର୍ଶନ



**ବାରିପଦା, ୨୩।୫(ସମିସ):** ବିଜେପିର ମୟୂରଭଞ୍ଜ ଲୋକସଭା ଆସନ ପ୍ରାର୍ଥୀ ନବଚରଣ ମାଝୀ ଗୁରୁବାର ବାରିପଦାର ୮ ନମ୍ବର ୱାର୍ଡ ଅନ୍ତର୍ଗତ ଡଙ୍ଗାସାହି ବସ୍ତି ଅଞ୍ଚଳ ପରିଦର୍ଶନ କରିଛନ୍ତି। ବାରିପଦା-ପୋଡ଼ାଅସ୍ତିଆ ସଂଯୋଗକାରୀ (ବୁଢ଼ାବଳଙ୍ଗ ନଦୀ ଉପରେ) ପୋଲ ନିର୍ମାଣ ହେବା ପରେ ଯାତାୟାତ ଦୃଷ୍ଟିରୁ ଲୋକେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଡଙ୍ଗାସାହି ବସ୍ତି ବାସିନ୍ଦାମାନେ ଶ୍ରୀ ମାଝୀଙ୍କୁ ଅବଗତ କରାଇଥିଲେ। ସ୍ଥାନୀୟ ଅଧିବାସୀଙ୍କ ସମସ୍ୟା ସମ୍ପର୍କରେ ସେ ଅବଗତ ହୋଇଥିଲେ। ତାଙ୍କ ସହିତ ବିଜେପି ରାଜ୍ୟ ମୁଖପାତ୍ର କବିବିଷ୍ଣୁ ଶତପଥୀ, ବରିଷ୍ଠ ନେତା ନରୋତ୍ତମ ପାଣିଗ୍ରାହୀ, ସ୍ଥାନୀୟ ଯୁବନେତା ତରୁଣ ପାଲବାବୁ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ୮ ନମ୍ବର ୱାର୍ଡରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। ଏଥିରେ ବହୁ ଯୁବକ ଓ ମହିଳା ଯୋଗ ଦେଇଥିଲେ।

## ବାରିପଦାରେ ବିଶାଳ ମିଶ୍ରଣ ପର୍ବ

# ବିଜେଡିରେ ମିଶିଲେ ବିଜେପି ଓ ଜେଏମ୍‌ଏମ୍‌ର ବହୁ ନେତା





**ବାରିପଦା, ୨୩।୫(ସମିସ)**

ମୟୂରଭଞ୍ଜ ଜିଲ୍ଲାରେ ବିଜୁ ଜନତା ଦଳର ପ୍ରଚାର ଜୋରଦାର ଚାଲିଥିବାବେଳେ ବିଭିନ୍ନ ଦଳର ନେତା ଓ କର୍ମୀମାନେ ବିଜେଡିରେ ଯୋଗଦାନ କରୁଛନ୍ତି। ଏହି କ୍ରମରେ ବାରିପଦା ନିର୍ବାଚନ ମଣ୍ଡଳୀର ବିଜେପି ନେତାମାନେ ବିଜେଡିରେ ଯୋଗଦାନ କରିଛନ୍ତି। ବାରିପଦାର ତକତପୁର ହୋଲି ପ୍ୟାଲେସଠାରେ ଆୟୋଜିତ ଏକ ମିଶ୍ରଣ କାର୍ଯ୍ୟକ୍ରମରେ ବିଜେପି ନେତାମାନେ ଦଳରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବଡ଼ସାହି ବ୍ଲକର ୯ଟି ପଞ୍ଚାୟତର ବିଜେପି ଯୁବ ନେତାମାନେ ବିଜେଡିରେ ଯୋଗଦେଇଛନ୍ତି। ଯୁବ ନେତା ରୁଦ୍ରନାରାୟଣ ଦାସଙ୍କ ନେତୃତ୍ୱରେ ଗୁଡିଆଲବନ୍ଧ ଅଞ୍ଚଳର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ସାହୁ, ବରିଷ୍ଠ ନେତା ଉତ୍ତମ୍ କୁମାର ମହାକୁଡ଼, ମଙ୍ଗଳ ଚରଣ ଦାସ, ପ୍ରଶାନ୍ତ ଦାସ, ରାମଚନ୍ଦ୍ର ସିଂ, ହରିହର ସିଂ, ବୃନ୍ଦାବନ ସିଂ, ପଲଟନ ଟୁଡୁ, ବୈଜୁନ ମାର୍ଣ୍ଡି, ସୁରେନ୍ଦ୍ର ସିଂ, ବାପି ସିଂ, ଶ୍ୟାମ ସିଂ, ସୁନାରାମ ଟୁଡୁ, ରଜେନ୍ଦ୍ର ମାର୍ଣ୍ଡି, ମାଧବ ଚନ୍ଦ୍ର ସିଂ, ଜାଗା ସିଂ, ଦେବାଶିଷ ବରାଳ, ପ୍ରତାପ ବରାଳ, ଲଛମାନ ସିଂ ଓ ଅଜୟ ସିଂ ପ୍ରମୁଖ ସମେତ ୩୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ଏହି ନୂତନ କର୍ମୀମାନେ ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କୁ ବିପୁଳ ସଂଖ୍ୟକ ଭୋଟରେ ବିଜୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମିଶ୍ରଣପର୍ବକ୍ଷର ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି, ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ସୁନୀଲ ଦାଶ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ବଡ଼ସାହି ସଂଯୋଜକ ପ୍ରଭାତ ମହାନ୍ତି ଓ ଅନନ୍ତ ଦାସ ପ୍ରମୁଖ ଉପସ୍ଥିତି ଥିଲେ।

ସେହିପରି ବୁଧବାର ସନ୍ଧ୍ୟାରେ ଜିଲ୍ଲା ବିଜୁ ଭବନରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଜିଲ୍ଲା ସଭାପତି ତଥା ଲୋକସଭା ପ୍ରାର୍ଥୀ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଉପସ୍ଥିତିରେ ଶ୍ୟାମାଖୁଣ୍ଟା ବ୍ଲକର ୪୯ନଂ ଜୋନର ବିଜେପି ମଣ୍ଡଳ ସଭାପତି ଛତିଶ ଚନ୍ଦ୍ର ମହାନ୍ତ ଓ ବାରିପଦା ପୌର ପରିଷଦର ୨୬ନଂ ୱାର୍ଡ କାଉନସିଲର ପ୍ରାର୍ଥୀ ନିଜର ଶତାଧିକ ସମର୍ଥକଙ୍କ ସହିତ ବିଜୁଜନତା ଦଳରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଓ ଜନହିତକାରୀ କାର୍ଯ୍ୟକ୍ରମ ପାଇଁ ଆକୃଷ୍ଟ ହୋଇ ସେମାନେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି କହିଛନ୍ତି। ଶ୍ରୀ ମାର୍ଣ୍ଡି ସମସ୍ତଙ୍କୁ ଦଳର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ନୂତନ କର୍ମୀମାନେ ଅଗାମୀ ନିର୍ବାଚନରେ ବିଜେଡିର ଲୋକସଭା ପ୍ରାର୍ଥୀ ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବେ ବୋଲି ଶପଥ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ତଥା ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁନୀଲ ଦାଶ ଓ ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗାଚରଣ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### କରଞ୍ଜିଆ ଆସନ ପାଇଁ ପ୍ରଚାର ଶେଷ

# ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି; ବାହାର ନେତାଙ୍କ ଘରବାହୁଡ଼ା

**ବାରିପଦା/କରଞ୍ଜିଆ, ୨୩।୫(ସମିସ)**



ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ (ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଶନିବାର ଅନୁଷ୍ଠିତ ହେବ; ହେଲେ ପ୍ରଚାର ଗୁରୁବାର ଶେଷ ହୋଇଛି। ପ୍ରଚାରରେ ସାମିଲ ଥିବା ବାହାରର ନେତାଗଣ ସଂଧ୍ୟାରେ ଘରବାହୁଡା ହୋଇଥିବା ବେଳେ ପୋଲିଂ ପାର୍ଟି ବୁଥରେ ପହଞ୍ଚି ସାରିଲେଣି।

ରିଟର୍ଣ୍ଣିଂ ଅଫିସର କରଞ୍ଜିଆର ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ଦାଶଙ୍କ ସୂଚନା ଅନୁସାରେ ଶନିବାର ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି। କରଞ୍ଜିଆ ନିର୍ବାଚନ ମଣ୍ଡଳୀଟି କରଞ୍ଜିଆ ବ୍ଲକ, ଏନଏଏସି, ଠାକୁରମୁଣ୍ଡା ବ୍ଲକ ଓ କପ୍ତିପଦା ବ୍ଲକର ୯ଟି ପଞ୍ଚାୟତକୁ ନେଇ ଗଠିତ। ଏଠାକାର ମୋଟ ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୯୯ହଜାର ୨୩୭ ଥିବାବେଳେ ୯୮ହଜାର ୩୦୬ଜଣ ପୁରୁଷ, ୧ଲକ୍ଷ ୯୨୫ଜଣ ମହିଳା ଓ ୬ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ନୂଆ ଭୋଟରଙ୍କ ଏଠାରେ ୪ହଜାର ୮୮୬ଜଣ ରହିଛନ୍ତି। ଏଥିପାଇଁ ୨୪୨ଟି ବୁଥରେ ସମସ୍ତ ବ୍ୟବସ୍ଥା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ସମସ୍ତ ବୁଥ ପାଇଁ ନିୟୋଜିତ ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ସହିତ କର୍ମଚାରୀମାନେ କରଞ୍ଜିଆ ହାଇସ୍କୁଲରେ ଆୟୋଜିତ ଇଭିଏମ ଓ ଭିପାଟ ପ୍ରଦାନ ସ୍ଥଳରୁ ଶୃଙ୍ଖଳିତ ଭାବେ ସମସ୍ତ ସାମଗ୍ରୀ ସଂଗ୍ରହ କରି ଗାଡିରେ ବୁଥରେ ଯାଇ ପହଞ୍ଚିଛନ୍ତି। ପ୍ରତି ଟିମରେ ୭ଜଣ ଲେଖାଏଁ ରହିଥିବାବେଳେ ମୋଟ ୧୬୯୪ଜଣ ସାମିଲ ଅଛନ୍ତି। ୩୩ଟି ସମ୍ବେଦନଶୀଳ ବୁଥ ପ୍ରତି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ୩୯ଟି ସଖୀ ବୁଥ, ଯୁବ ବୁଥ ଓ ଦିବ୍ୟାଙ୍ଗଙ୍କ ବୁଥରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୪ଟି ଛାୟା (ସେଡୋ) ବୁଥଗୁଡିକ ମୋବାଇଲ ନେଟୱର୍କ ନ ଥିବା ସ୍ଥାନର ବୁଥ ରହିଛି। ଏଥିପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତି ବୁଥରେ ଭିଏଚଏଫସେଟ ସହିତ କଣ୍ଟ୍ରୋଲ ରୁମ ସହିତ ସଂଯୋଗ କରାଯାଇଛି। ଜଣେ ଲେଖାଏଁ ଭିଏଚଏଫ ଏକ୍ସପର୍ଟ ଏଥିପାଇଁ ନିଯୁକ୍ତ ରହିଛନ୍ତି। ସେହିପରି ପୁଲିସ ଓ ପ୍ରଶାସନ ପକ୍ଷରୁ ନିୟୋଜିତ ପୃଥକ ସେକ୍ଟର ଅଫିସର ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

**୩୩ଟି ସମ୍ବେଦନଶୀଳ ବୁଥ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ସହିତ ଏସପି ଏସ ସୁଶ୍ରୀ ନିଜେ କରଞ୍ଜିଆ ଗସ୍ତ କରି ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପରିଚାଳନା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ପୃଥକ ଷ୍ଟ୍ରଙ୍ଗରୁମରେ ଲୋକସଭା ଓ ବିଧାନସଭା ପାଇଁ ଇଭିଏମ ଓ ଭିଭିପାଟ ୨୪ଘଣ୍ଟିଆ ପହରା ତଥା ସିସିଟିଭି ନଜରରେ ଥିବାବେଳେ କରଞ୍ଜିଆ ହାଇସ୍କୁଲକୁ ଅଣାଯାଇ ବୁଥୱାରୀ ନିଯୁକ୍ତ ପୋଲିଂ ଟିମକୁ ପ୍ରଦାନ କରାଯାଇଛି। ମତଦାନ ଶେଷ ପରେ ପୁଣି ସେସବୁ ଆଣି ସେହିଠାରେ ଦାଖଲ ପରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରକୁ ନିଆଯାଇ ସୁରକ୍ଷିତ ରଖାଯିବ। ଜୁନ ୪ ତାରିଖରେ ଗଣତି ଆରମ୍ଭ ହୋଇ ଫଳାଫଳ ପ୍ରକାଶ ପାଇବ। ଏହି ଆସନ ପାଇଁ ବିଜେଡିରୁ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ନିର୍ବାଚନ ମଣ୍ଡଳୀର ବିକାଶ ଓ ନିର୍ବାଚନ ଗ୍ୟାରେଣ୍ଟିକୁ ନେଇ ଜୋରଦାର ପ୍ରଚାର କରୁଥିବାବେଳେ ଦଳର ଷ୍ଟାର ପ୍ରଚାରକ ତଥା ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ଠାକୁରମୁଣ୍ଡାରେ ଆୟୋଜିତ ବିଶାଳ ନିର୍ବାଚନ ସଭାରେ ପ୍ରଚାର କରି ଫେରିଛନ୍ତି। ସେହିପରି ବିଜେପି ଏଠାରୁ ପୂର୍ବତନ ବିଧାୟକ ପଦ୍ମଚରଣ ହାଇବୃଙ୍କୁ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସରୁ ଲକ୍ଷ୍ମୀଧର ସିଂ ଓ ସ୍ୱାଧୀନ ପ୍ରାର୍ଥୀ ପୂର୍ବତନ ବିଧାୟକ ବିଜୟ ନାଏକ ମଧ୍ୟ ନିର୍ବାଚନକୁ ଓହ୍ଲାଇଛନ୍ତି। ମୁଖ୍ୟତଃ ଲଢେଇ ବାସନ୍ତୀ ଓ ପଦ୍ମଚରଣଙ୍କ ମଧ୍ୟରେ ହେଉଛି।

## ଜୁଲାଇ ପ୍ରଥମ ସପ୍ତାହରୁ ଭଞ୍ଜସେନାର ବ୍ୟାପକ ବୃକ୍ଷରୋପଣ

**ବାରିପଦା, ୨୩।୫(ସମିସ):** ଚଳିତ ଗ୍ରୀଷ୍ମ ଋତୁରେ ସର୍ବାଧିକ ଉତ୍ତପ୍ତ ହୋଇଥିବା ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହର ଚିନ୍ତାର କାରଣ ସାଜିଛି। ବିଭିନ୍ନ ଦିନ ବିଶ୍ୱର ଶ୍ରେଷ୍ଠ ୧୦ଟି ଉତ୍ତପ୍ତ ସହର ମଧ୍ୟରେ ବାରିପଦା ସ୍ଥାନ ପାଇବା ମୟୂରଭଞ୍ଜବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏଭଳି ଧାରା ଆଗକୁ ବଜାଇ ରହିଲେ ଜୀବ ଜଗତ ପାଇଁ ଜୀବନ ବଞ୍ଚାଇବା କଷ୍ଟକର ହୋଇପଡ଼ିବ। ଏହାକୁ ଲକ୍ଷ୍ୟରେ ରଖି କିଭଳି ଏହି ଗ୍ରୀଷ୍ମ ପ୍ରବାହରୁ ଜୀବଜଗତ ତ୍ରାହି ପାଇବେ ସେଥିପାଇଁ ଜୁଲାଇ ମାସ ପ୍ରଥମାର୍ଦ୍ଧରୁ ଶିମିଳିପାଳକୁ ପୁନର୍ବାର ତାର ହୃତ ଗୌରବ ଫେରାଇବା ଅର୍ଥାତ ସବୁଜିମା ଶିମିଳିପାଳ ଗଢିବା ସହିତ ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ବୃକ୍ଷରୋପଣ କରାଯାଇ ବଡ଼ ହେବା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରାଯିବ। ଏଥିସହିତ ଜିଲ୍ଲା ମଧ୍ୟରେ ଥିବା ଛୋଟ ବଡ଼ ଜଳାଶୟ ଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ସହିତ ବ୍ୟକ୍ତିଗତ କାରଣ ହେଉ ଅଥବା ବ୍ୟବସାୟୀକରଣ ଉଦ୍ଦେଶ୍ୟରେ ବନ୍ଦ କରାଯାଇଥିବା ଜଳାଶୟଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବା, ସୌନ୍ଦର୍ଯ୍ୟକରଣ, ରାସ୍ତାଘାଟ ଓ କୋଠାବାଡି ନିର୍ମାଣ ତଥା ଆଧୁନିକତା ଦେଖାଇବା ଉଦ୍ଦେଶ୍ୟରେ ଯେଉଁଭଳି ଭାବେ ବ୍ୟାପକ ଭାବେ ଗଛ କଟା ଯାଉଛି ଏବଂ କିପରି ବନ୍ଦ କରାଯିବ ତାହାର କାରଣ ଖୋଜି ନିରାକରଣ କରିବା ଉଦ୍ଦେଶ୍ୟରେ ଆସନ୍ତା ଜୁନ ମାସ ୨ ତାରିଖ ରବିବାର ଅର୍ଥାତ ସାଧାରଣ ନିର୍ବାଚନର ଶେଷ ଭୋଟ ଗ୍ରହଣ ଦିବସ ପରଦିନ ବାରିପଦା କୃଷ୍ଣଚନ୍ଦ୍ର ଗୋଲେଇ ନିକଟସ୍ଥ 'ସାଇ ବିନାୟକ କଲ୍ୟାଣ ମଣ୍ଡପରେ ସକାଳ ୧୧ ଘଟିକା ସମୟରେ ଏକ ଜରୁରୀ କାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ବୈଠକରେ ଭଞ୍ଜସେନା କର୍ମକର୍ତ୍ତାଙ୍କ ସହିତ ସମାଜର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବି, ବ୍ୟବସାୟୀ ସଙ୍ଘ, ପରିବହନ ସଙ୍ଘ, ଘରୋଇ ଶିକ୍ଷାନୁଷ୍ଠାନ, ଯୁବ ଛାତ୍ର ଓ ମହିଳାଙ୍କୁ ଆମନ୍ତ୍ରିତ କରାଯିବ। ବୈଠକ ପରେ ଜିଲ୍ଲାର ବିଭିନ୍ନ ଉପଖଣ୍ଡ ସଦର ମହାକୁମାଗୁଡିକରେ ସବୁବର୍ଗର ଲୋକଙ୍କୁ ନେଇ ଏହାର ସମାଧାନ ବାଟ ବାହର କରାଯିବ। ବିଭିନ୍ନ ସ୍ତରରେ ଯାଇ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ବେତନଟୀ ରେଞ୍ଜରେ ହାତୀ ଗଣନା ଆରମ୍ଭ

**ବେତନଟୀ, ୨୩।୫(ସମିସ):** ବାରିପଦା ବନଖଣ୍ଡ ଅଧୀନ ବିଭିନ୍ନ ରେଞ୍ଜରେ ବୁଧବାରଠାରୁ ତିନିଦିନିଆ ହାତୀଗଣନା ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବେତନଟୀ ରେଞ୍ଜ ପକ୍ଷରୁ ମଧ୍ୟ ହାତୀଗଣନା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଧବାର ହାତୀଗଣନାର ସମୀକ୍ଷା କରିଛନ୍ତି ଏସିଏଫ ରବିନାରାୟଣ ମହାନ୍ତି। ବେତନଟୀ ରେଞ୍ଜର ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲ ସମେତ ଅନ୍ୟାନ୍ୟ ସ୍ଥାନରେ ହାତୀଗଣନା ନିମନ୍ତେ ସୁଉଚ୍ଚ ଗଛ ଏବଂ ହାତୀ ଚଲାପଥର ମଞ୍ଚ ପ୍ରସ୍ତୁତ କରାଯାଇଛି। ମଞ୍ଚ ଉପରୁ ବନବିଭାଗ କର୍ମଚାରୀମାନେ ହାତୀପଲର ଗତିବିଧି ଅନୁଧ୍ୟାନ କରିବା ସହିତ ଗଣନା କରିବେ।

## ଶାଗୁଆନ କାଠ ସମେତ ସାଇକଲ ଜବତ

**ବେତନଟୀ, ୨୩।୫(ସମିସ):** କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ଜାମଶୋଳ ଅଞ୍ଚଳରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ବୁଧବାର ସକାଳେ ଦୁଇଟି ଶାଗୁଆନ କାଠ ବୋଝେଇ ସାଇକଲକୁ ଜବତ କରାଯାଇଛି; ହେଲେ ଅଭିଯୁକ୍ତମାନେ ସାଇକଲ ଛାଡି ଫେରାର ହୋଇଯାଇଛନ୍ତି। ରାସଗୋବିନ୍ଦପୁର ରେଞ୍ଜ ଅଧିକାରୀ ଘନଶ୍ୟାମ ସିଂଙ୍କ ନିର୍ଦ୍ଦେଶକ୍ରମେ ବନପାଳ ପ୍ରଗତୀ ପ୍ରିୟଦର୍ଶିନୀ ମିସ୍ତ୍ରୀ, ବନରକ୍ଷୀ ରଞ୍ଜନ କୁମାର ସେଠୀଙ୍କ ସମେତ ପାରା ବନକର୍ମଚାର ଛୁଟୁ ମହାନ୍ତ ଓ ରାମ ହାଁସଦା ଜାମଶୋଳ ଶାଗୁଆନ ସଂରକ୍ଷିତ ଜଙ୍ଗଲ ସମେତ ଶଙ୍ଖାଭଙ୍ଗାରେ ପାଟ୍ରୋଲିଂ କରୁଥିଲେ। ଦୁଇଜଣ ଶାଗୁଆନ ଗଛ କାଟିନେଇ ପଳାଇ ଯାଉଥିବା ବେଳେ ବନବିଭାଗ ହାବୁଡରେ ପଡ଼ିଯାଇଥିଲେ। ପରେ ବନବିଭାଗକୁ ଦେଖି ଗିରଫ ଭୟରେ ଅଭିଯୁକ୍ତ ଦୁଇଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ପୁରୁଣା ୱାରେଣ୍ଟି କୋର୍ଟଚାଲାଣ

**ବେତନଟୀ, ୨୩।୫(ସମିସ):** ଗତ ୨୦୦୦ ମସିହାର ଏକ ମାମଲାରେ ଜଡିତ ୱାରେଣ୍ଟିକୁ ଗିରଫକରି ବୁଧବାର କୋର୍ଟଚାଲାଣ କରିଛି ବେତନଟୀ ପୁଲିସ। ୱାରେଣ୍ଟି ଜଣକ ହେଉଛନ୍ତି ରାସଗୋବିନ୍ଦପୁର ଥାନା ଅଧୀନ କମାରଡିହା ଉପକଣ୍ଠ ମାଜଣାଡିହି ଗ୍ରାମର ଚିତ୍ତରଞ୍ଜନ ପାତ୍ର(୫୬)। ଚିତ୍ତରଞ୍ଜନ ୨୦୦୦ ମସିହାରେ ବିଭିନ୍ନ ସାପ୍ତାହିକ ହାଟରେ ସଉଦାପତ୍ର ବ୍ୟବସାୟ କରୁଥିବା ବେଳେ ଖାଦ୍ୟସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଖାଦ୍ୟ ସାମଗ୍ରୀର ଯାଞ୍ଚ କରିବା ସହିତ ମସୁରଡାଲିର ନମୂନା ସଂଗ୍ରହ କରିଥିଲେ। ଏନେଇ ପରବର୍ତ୍ତି ମୁହୂର୍ତ୍ତରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଥିବା ବେଳେ ଏହା ଅଦାଲତରେ ବିଚାରାଧୀନ ରହିଥିଲା। ତେବେ ମାମଲାର ଶୁଣାଣି ସହିତ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ଆଇନଜୀବୀଙ୍କ ଜରିଆରେ ଜରିମାନା ଅର୍ଥ ଚିତ୍ତରଞ୍ଜନ ପୈଠ କରିଥିଲେ; ତଥାପି ଚିତ୍ତରଞ୍ଜନଙ୍କ ନାମରେ କୋର୍ଟପକ୍ଷରୁ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ବୁଧବାର ଚିତ୍ତରଞ୍ଜନଙ୍କୁ କୋର୍ଟରେ ହାଜର କରିଛି ପୁଲିସ।

## ଅଙ୍ଗନବାଡ଼ି ଗୃହର ତାଲା ଭାଙ୍ଗି ଚୋରି

**କୁଆମରା, ୨୩।୫(ସମିସ):** ଗୋପବନ୍ଧୁ ନଗର ବ୍ଲକ ସୁରୁକୁନା ଅଙ୍ଗନବାଡି କେନ୍ଦ୍ରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବ୍ୟାଟେରୀ, ଇନଭେଟର, ଚାଉଳ ଓ ଅଣ୍ଡା ଆଦି ଚୋରିକରି ନେଇଥିବା କର୍ମୀ ଅନିତା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଦୁଇବର୍ଷ ବ୍ୟବଧାନ ମଧ୍ୟରେ ନାଉପଦା, ମଣ୍ଡଳସାହି, ଅନନ୍ତ ସାହି, ସ୍କୁଲ ସାହି, କାଳିଆପଦା ଆଦି ଅଙ୍ଗନବାଡିରେ ଚୋରି ହୋଇଥିବା ନଜିର ରହିଛି।

## ଚୋରା ଦେଶୀ ମଦ ଜବତ; ୫ ଗିରଫ

**କୁଆମରା, ୨୩।୫(ସମିସ):** ଖୁଣ୍ଟା ଅବକାରୀ ବିଭାଗ ଆଜି ପାଟ୍ରୋଲିଂ ସମୟରେ ବିଭିନ୍ନ ସ୍ଥାନରୁ ୧୪୧ ଲିଟର ଦେଶୀ ମଦ ଜବତ କରିବା ସହିତ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ସକାଳେ ଅବକାରୀ ଆଇଆଇସି ମମତା ଦାସଙ୍କ ସମେତ ଟିମ୍ ଖୁଣ୍ଟାର ବିଭିନ୍ନ ଅଞ୍ଚଳ ଚଢ଼ଉ କରି ଅଁଳାଶୁଳି ଗ୍ରାମର ଲିଲି ଟୁଡୁ (୨୫)ଙ୍କ ଠାରୁ ୩୦ ଲିଟର, ବଣିଆ ବସା ଗ୍ରାମର ମାଳତୀ ଲୁହାରି (୪୦)ଙ୍କଠାରୁ ୩୫ ଲିଟର, ବିପ୍ରଚରଣପୁର ଗ୍ରାମର ସସ୍ମିତା ହେମ୍ବ୍ରମ (୩୨)ଙ୍କଠାରୁ ୨୦ଲିଟର ଓ ଲକ୍ଷ୍ମୀ ଲୁହାରି (୨୮)ଙ୍କ ନିକଟରୁ ୪୦ଲିଟର ଏବଂ ଗୟଲ ମରା ଗ୍ରାମର ନାଥ ବିନ୍ଧାଣି (୪୪)ଠାରୁ ୨୧ଲିଟର ଦେଶୀ ମଦ ଜବତ କରିବା ସହିତ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### କରଞ୍ଜିଆ କଲେଜର +୩ ପରୀକ୍ଷା ଫଳ ପ୍ରକାଶ

## ପିପୁନ ଗିରି ବେଷ୍ଟ ଗ୍ରାଜୁଏଟ ବିବେଚିତ

**କରଞ୍ଜିଆ, ୨୩।୫(ସମିସ):** କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ+୩ ଶେଷ ବର୍ଷର ପରୀକ୍ଷା ଫଳ ଗୁରୁବାର ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ, ପରୀକ୍ଷା ନିୟନ୍ତ୍ରକ ସତ୍ୟବ୍ରତ ସାହୁ, ଉପପରୀକ୍ଷା ନିୟନ୍ତକ ଗୀତାଞ୍ଜଳି ବିର୍ତ୍ତିଆ ଓ ଅନିଲ କୁମାର ବେହେରା ପ୍ରକାଶ କରିଛନ୍ତି। ଚଳିତ ବର୍ଷ ବେଷ୍ଟ ଗ୍ରାଜୁଏଟ ବିଜ୍ଞାନ ଛାତ୍ର ପିପୁନ୍ କୁମାର ଗିରି ବିବେଚିତ ହୋଇଛନ୍ତି। ସେହିପରି +୩ କଳା ବିଭାଗରେ ମୋଟ ୨୪୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୩ଜଣ ପାସ ହୋଇଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ମୋଟ ୧୨୪ ଜଣରୁ ୧୦୯ ଏବଂ ବାଣିଜ୍ୟ ବିଭାଗରେ ମୋଟ ପରୀକ୍ଷାର୍ଥୀ ୩୩ ଜଣ ମଧ୍ୟରୁ ଜଣ ୨୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। କଲେଜର ପାସ୍ ହାର ୮୯.୯୪% ରହିଥିବା ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। କଳାରେ ସୁଶାନ୍ତ ବାନରା, ବିଜ୍ଞାନରେ ପିପୁନ କୁମାର ଗିରି ଓ ବାଣିଜ୍ୟରେ ନିରୁପମା ହେମ୍ବ୍ରମ କଲେଜ ଟପ୍ପର ହୋଇଛନ୍ତି ବୋଲି ଅଧ୍ୟକ୍ଷ ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି।



# ବିଜେଡିରେ ମିଶିଲେ ବହୁ ବିଜେପି ଓ କଂଗ୍ରେସ କର୍ମୀ



**ଉଦଳା, ୨୩।୫(ସମିସ):** କପ୍ତିପଦା ବ୍ଲକର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ଗୁରୁବାର ବିଜେଡିରେ ବିଧିବଦ୍ଧଭାବେ ଯୋଗଦେଇଛନ୍ତି। କପ୍ତିପଦା ବ୍ଲକ ନିକଟରୁ ବାହାରି ଉଦଳା ବଜାର ଦେଇ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ।

ଉଦଳା ବିଜେଡି କାର୍ଯ୍ୟାଳୟରେ ବିଧାୟକ ପ୍ରାର୍ଥୀ ଶ୍ରୀନାଥ ସୋରେନ, କପ୍ତିପଦା ବ୍ଲକ ବିଜେଡି ସଭାପତି ସୁବାସ ସାଏ, ବିଜେଡି ମୟୂରଭଞ୍ଜ ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ସବିତା ହାଁସଦା, କପ୍ତିପଦା ବ୍ଲକ ବିଜେଡ଼ି ସମ୍ପାଦକ ଅଭିମନ୍ୟୁ ମଣ୍ଡଳ, ଯୁବ ସଭାପତି ବୀଣାକର ମହାପାତ୍ର, ଛାତ୍ର ସଭାପତି ଆଶିଷ ଦାସ, ଉଦଳା ବ୍ଲକ ସଭାପତି ଗୋବିନ୍ଦ ନାଏକ, ଉଦଳା ଏନ.ଏ.ସି. ସଭାପତି ବନମାଳୀ ବେହେରା, କପ୍ତିପଦା ବ୍ଲକ ବିଜେଡି ସଂଯୋଜକ କୃଷ୍ଣ ଚୈତନ୍ୟ ସଦୁଆଳ ସମସ୍ତ ନୂତନ କର୍ମୀଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ କପ୍ତିପଦା ବ୍ଲକର ପୂର୍ବତନ ବିଜେପି ବ୍ଲକ ସଭାପତି ନାରାୟଣ ଦାସବାବୁ ଓ ପୂର୍ବତନ ସରପଞ୍ଚ ଭୀମଚରଣ ନାୟକ ସମେତ ବହୁ କଂଗ୍ରେସ କର୍ମୀ ଏବଂ ସମର୍ଥକ ବିଜୁ ଜନତାଦଳରେ ବିଧିବଦ୍ଧଭାବେ ଯୋଗ ଦେଇଛନ୍ତି। ପ୍ରକାଶ ଥାଉକି ଗତ ୧୯୯୯ ନିର୍ବାଚନ ବେଳେ କପ୍ତିପଦା ବ୍ଲକରୁ ବିଜେପିକୁ ଅହେତୁକ ସମର୍ଥନ ମିଳିଥିଲା; ହେଲେ ଏଥର ନିର୍ବାଚନରେ ବହୁ ବିଜେପି ଏବଂ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବେ ବୋଲି ମତ ଦେଇଛନ୍ତି।ବାଦ ପଡ଼ିବା ଏବଂ ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରି ଭୋଟଦେବେ ବୋଲି ସବୁଠି ଚର୍ଚ୍ଚା ଜୋର୍ ଧରିଛି।

ବିଜେପି ନଗରପାଳ ଓ କାଉନସିଲର ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗୁଥିବା ବେଳେ ବିଭିନ୍ନ ପ୍ରଶ୍ନବାଣରେ ଶିକାର ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। କେବଳ ବିଜେପି ପ୍ରାର୍ଥୀ ମୋଦୀଙ୍କ ନାମ ନେଇ ଭୋଟ ମାଗୁଛନ୍ତି। ତେଣୁ ସହରବାସୀ ଏଥର ସ୍ଥାନୀୟ ମୁଦ୍ଦାକୁ ନେଇ ଭୋଟ୍ ଦେବେ ବୋଲି ଏବେଠୁ ପ୍ରସ୍ତୁତ ହେଲେଣି।

## କଡ଼ଦା ଓ କୁଆମରାରେ ଚନ୍ଦନ ଯାତ୍ରା

**କୁଆମରା, ୨୩।୫(ସମିସ):** ଗୋପବନ୍ଧୁ ନଗର ବ୍ଲକ କୁଆମରା ଓ ତଳକଡଦା ଗ୍ରାମରେ ଦୀର୍ଘ ବର୍ଷର ପରମ୍ପରା ଅନୁଯାୟୀ ଚନ୍ଦନ ପୂର୍ଣ୍ଣିମା ଅବସରରେ ତିନି ଦିନ ଧରି ଠାକୁରଙ୍କ ଚନ୍ଦନ ଯାତ୍ରା ପାଳିତ ହୋଇଛି। ଗ୍ରାମ ମନ୍ଦିରରୁ ଠାକୁର ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ମେଢ ସହ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ଭକ୍ତଙ୍କ ଗହଳି ଲାଗି ରହିବା ସହ ଭୋଗଲଗା କାର୍ଯ୍ୟ ଓ ଚନ୍ଦନ ପାଣି ଭକ୍ତଙ୍କ ଉପରେ ସିଞ୍ଚନ କରାଯାଉଥିଲା। ପରମ୍ପରା ଅନୁଯାୟୀ ଠାକୁର ମନ୍ଦିର ପରିସରରେ ଥିବା ପୋଖରୀ ମଧ୍ୟରେ ନାବଖେଳି କରିଥିଲେ। ଉଭୟ ଗ୍ରାମର ସଂକୀର୍ତ୍ତନ ଦଳ ଦ୍ୱାରା ଠାକୁର ଗ୍ରାମ ପରିକ୍ରମା କରିଥିଲେ। ପାଗ ଅନୁକୂଳ ଥିବାରୁ ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି। ସେହିପରି ଉପର କଡଦାଠାରେ ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି।



## ଶୀର୍ଷାପାଳ ଛକରେ ଅଷ୍ଟପ୍ରହରୀ ନାମଯଜ୍ଞ

**ମୋରଡ଼ା, ୨୩।୫(ସମିସ):** ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତ ଶୀର୍ଷାପାଳ ଛକସ୍ଥିତ କୁସୁମ ଗଛ ନିକଟରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେଇଯାଇଛି। ପ୍ରଥମ ଦିନରେ ରାଜାବନ୍ଧରୁ କଳସ ଯାତ୍ରା କରି ଅଣାଯିବା ସହ ହୋମଯଜ୍ଞ, ନୀତିକାନ୍ତି ପୂଜା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ୪ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଶେଷ ଦିବସରେ ଦହିହାଣ୍ଡି ଭଙ୍ଗା, ନଗର ସଂକୀର୍ତ୍ତନ ସହିତ ଭକ୍ତମାନେ ଡିଜେ ବଜାଇ ନାଚି ନାଚି ହୋଲି ଖେଳି କଳସ ବିସର୍ଜନ କରିଥିଲେ। ଭକ୍ତଙ୍କ ପାଇଁ ପ୍ରତିଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସମାଜସେବୀ ପରିତୋଷ ବାରିକ, ସଞ୍ଜୟ ମହାନ୍ତ, ରାମାଇ ମାରାଣ୍ଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ୧୬ ବର୍ଷ ହେଲା ବିଜେପି ହାତରେ ଉଦଳା ଏନ୍ଏସି

# ବିକାଶ ଆଳରେ ଦୁର୍ନୀତି ଓ ଅନିୟମିତତାର ଗନ୍ଧ

**ଉଦଳା, ୨୩।୫(ସମିସ)**




ଉଦଳା ସହର ଏବେ ବି ପୁରୁଣା କାଳିଆ ବଜାରରେ ସୀମିତ ହୋଇରହିଛି। ୧୨ଟି ୱାର୍ଡକୁ ନେଇ ଉଦଳା ଏନଏସି ଗଠିତ। ଗତ ୧୯୭୩ ମସିହାରେ ଏନ.ଏ.ସି. ଗଠନ ହୋଇଥିଲା। ଆଜକୁ ୫୦ ବର୍ଷ ବିତିଯାଇଥିଲେ ହେଁ ସହର ଏବେ ବି ପୁରୁଣା ସହରଭାବେ ରହିଛି। ଏନଏସି ଗଠନ ପରଠାରୁ କଂଗ୍ରେସ ୩ଥର, ବିଜେଡି ୨ଥର ( ବିଜେଡି ୧ ଥର ଜନତା ଦଳ ୧ଥର) ଓ ବିଜେପି ୩ ଥର ଶାସନରେ ରହିଛି। ଗତ ୧୬ ବର୍ଷ ଧରି ବିଜେପି ଉଦଳା ଏନଏସିକୁ ଅକ୍ତିଆର କରିଆସୁଛି। ଗତ ନିର୍ବାଚନରେ ବିଜେପି ପ୍ରାର୍ଥୀ ଏଠାରୁ ବିଜୟୀ ହୋଇଛନ୍ତି। ବିକାଶ ଆଳରେ ଏଠାରେ ଅନିୟମିତତା ଏବେ ଶିଖର ଛୁଇଁଛି କହିଲେ ଅତ୍ୟୁକ୍ତି ହେବନାହିଁ। ସହରର ରାସ୍ତାଘାଟ, ଜଳ ନିଷ୍କାସନ ବ୍ୟବସ୍ଥା, ପାନୀୟ ଜଳ, ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ ପ୍ରମୁଖ ସମସ୍ୟା ରହିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଭଳି ବହୁ ପ୍ରସଙ୍ଗ ପଡ଼ି ରହିଛି। ଶିମିଳିପାଳର ପୂର୍ବ ପାଦଦେଶରେ ଥିବା ଏହି ଛୋଟ ସହରର ନବକଳେବର କେବେ ହେବ ସେ ନେଇ ବିଜେପି ଶାସନାଧୀନ ନଗରପାଳଙ୍କ ନିକଟରେ କୌଣସି ଉତ୍ତର ନାହିଁ। କେବଳ ଉଦଳାର ବିକାଶର ନାରା ଦେଇ ନିର୍ବାଚନ ସମୟରେ ଭୋଟ ହାତେଇଲା ପରେ ଯଥା ପୂର୍ବଂ ତଥା ପରଂ ସ୍ଥିତି ନୀତି ଗତ ୧୬ ବର୍ଷ ହେବ ଲକ୍ଷ୍ୟ କରାଯାଇଛି। ମୋଟାମୋଟି କହିବାକୁ ଗଲେ ବିଜେପି ଶାସନ କାଳରେ ଏହି ସହର ଦିଗହରା ହୋଇଛି। ପ୍ରବେଶ ପଥରେ ପରିଚୟ ଫଳକ, ବାଇପାସ ରୋଡ୍ ନିର୍ମାଣ, ମାଷ୍ଟାର ଡ୍ରେନ ନିର୍ମାଣ, ଟାଉନ ପ୍ଲାନିଂ ଜରିଆରେ ଉଦଳା ସହରର ଆଧୁନିକୀକରଣ, ଟ୍ରାଫିକ୍ ବ୍ୟବସ୍ଥା, ଶିଶୁ ଉଦ୍ୟାନ ସାଙ୍ଗକୁ ସହରବାସୀଙ୍କ ମନୋରଞ୍ଜନ ପାଇଁ ପାର୍କ, ପାନୀୟ ଜଳ ବ୍ୟବସ୍ଥା, ପାର୍କିଂ, ଆଲୋକୀକରଣ, ଆଧୁନିକ ବସଷ୍ଟାଣ୍ଡ ନିର୍ମାଣ, ଶବଦାହ କେନ୍ଦ୍ର ସ୍ଥାପନା (ମାତ୍ର ଗୋଟିଏ), ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ମୁଖ୍ୟ ପ୍ରସଙ୍ଗ ଭାବେ ଉଭା ହୋଇଛି। ସହରର ଦୁଇ ପ୍ରମୁଖ ରାସ୍ତା ବାଲେଶ୍ୱର ଓ ବାରିପଦା ରାଜ୍ୟ ରାସ୍ତାରେ ୫-ଟି ଯୋଜନାରେ ଦୁଇଟି ସ୍ୱାଗତ ଗେଟ୍ ବା ଫାଟକ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲେ ହେଁ ବିଜେପି ଦଳୀୟ ଠିକାଦାରଙ୍କୁ ଦେବାର ବେଆଇନ ପ୍ରକ୍ରିୟା କରିଥିବା ଓ ତାହା ବିବାଦୀୟ ହେବା କାରଣରୁ ଅର୍ଥ ଫେରିଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ଏହା ସହରବାସୀଙ୍କ ମନରେ ସର୍ବଦା ଆନ୍ଦୋଳିତ କରୁଥିଲେ ହେଁ କେବଳ ନାଁ କୁ ମାତ୍ର ସହର ହୋଇ ରହିଛି ଉଦଳା। ଉଦଳା ଏନଏସିକୁ ପୌରପାଳିକା ମାନ୍ୟତା

- **ଏଥର ସ୍ଥାନୀୟ ସମସ୍ୟାକୁ ନେଇ ଭୋଟଦେବେ ସହରବାସୀ**
- **ପୌର ପରିଷଦ ମାନ୍ୟତା ଦାବି ନେଇ ବିଜେପି ଚୁପ୍**

ଦିଗରେ ବିଜେପିର ନଗରପାଳ ଓ ବିଧାୟକ ଆଦୌ ଉଦ୍ୟମ ନ କରିବା ଏକ କଳା ଅଧ୍ୟାୟ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି। କେବଳ ନିର୍ବାଚନ ଆସିଲେ ବିଜେପି ତତ୍ପର ହୋଇ ଉଠେ। ସହରର ବିକାଶର ମଙ୍ଗ ଅସାଧୁ ଠିକାଦାରଙ୍କ ହାତରେ ରହିଛି। ବିଭିନ୍ନ ଉନ୍ନୟନ କାର୍ଯ୍ୟଠାରୁ ଆରମ୍ଭ କରି ବିସ୍ଥାପିତଙ୍କ ପାଇଁ ନିର୍ମିତ ଦୋକାନ ଗୃହ ସବୁ ଠିକାଦାରଙ୍କ ନିୟନ୍ତ୍ରଣରେ ରହିଛି। ଅପରପକ୍ଷରେ ବିସ୍ଥାପିତ ବ୍ୟବସାୟୀଙ୍କ ନାମରେ ବ୍ୟାପକ ଦୁର୍ନୀତି କରାଯାଇ ବହୁ ଅଣବ୍ୟବସାୟୀ ନବନିର୍ମିତି ଦୋକାନଗୃହକୁ ହାତେଇବା ପ୍ରସଙ୍ଗ ସବୁଠୁ ଅଧିକ ବିବାଦୀୟ ହୋଇଛି। ତେଣୁ ଉଦଳା ଏନଏସିର ଦୁର୍ନୀତି ଏବେ ଚରମ ସୀମାରେ। ଏ ନେଇ ବିଜେପିର ନିର୍ବାଚିତ ପ୍ରତିନିଧି ମଧ୍ୟ ନିରବ। ସେହିପରି ମୁକ୍ତା ଯୋଜନାରେ ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ହେଉ କି ମୁକ୍ତାକାଶ ବ୍ୟାୟାମ ଶାଳା ସବୁଠି ଅନିୟମିତତା ଦେଖିବାକୁ ମିଳିଛି। ୱାର୍ଡରେ ହେଉଥିବା କାମଗୁଡିକ ନିମ୍ନମାନର କରାଯାଉଥିବା ନଜିର ରହିଛି। କେବଳ ଏଠାରେ ଠିକାଦାରୀ ତୁଷ୍ଟି କରଣ ନାମରେ ସହରର ବିକଶ ଚାଲିଛି। ଉଦଳା ସହର ଇତିମଧ୍ୟରେ ୫୦ ବର୍ଷ ଛୁଇଁଥିଲେ ହେଁ ଏବେ ବି ନିଜର ପରିଚୟ ଖୋଜୁଛି। ତେଣୁ ଆଗାମୀ ନିର୍ବାଚନରେ ଭୋଟର ପୌର ମାନ୍ୟତାରୁ ଉଦଳା ବାଦ ପଡ଼ିବା ଏବଂ ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରି ଭୋଟଦେବେ ବୋଲି ସବୁଠି ଚର୍ଚ୍ଚା ଜୋର୍ ଧରିଛି।

## ଚନ୍ଦନ ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ନୌକା ଯାତ୍ରା

# ଅଭିରାମଙ୍କ ମଠରେ ଆଶୀର୍ବାଦ ନେଲେ ପ୍ରୀତିନନ୍ଦା





**ମୋରଡା, ୨୩।୫(ସମିସ)**

ବର୍ଷ ଆରମ୍ଭରୁ ଜଗନ୍ନାଥ ମନ୍ଦିରରେ ପଣା ସଂକ୍ରାନ୍ତି, ଚନ୍ଦନଯାତ୍ରା, ଅକ୍ଷୟ ତୃତୀୟା, ସ୍ନାନ ପୂର୍ଣ୍ଣିମା, ଅଣସର ନୀତି ଏବଂ ଶେଷରେ ରଥଯାତ୍ରା ଅନୁଷ୍ଠିତ ହୁଏ। ତେବେ ମୋରଡା ବ୍ଲକ ସଦର ମହକୁମା ଚିତ୍ରଡାସ୍ଥିତ ଧର୍ମକ୍ଷେତ୍ରରେ ଗୁରୁବାର ଚନ୍ଦନ ପୂର୍ଣ୍ଣିମା ଅବସରରେ ନୌକାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ନୌକାରେ ବସି ଚନ୍ଦନ ବା ଚାପ ଖେଳିବାକୁ ଯାଆନ୍ତି। ପ୍ରବଳ ଖରାରୁ ରକ୍ଷା ପାଇବା ପାଇଁ ମୁଖ୍ୟତଃ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଶତାଧିକ ଭକ୍ତଙ୍କ ଗହଣରେ ଜଳ କ୍ରୀଡା କରିଛନ୍ତି ମହାପ୍ରଭୁ। ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ପ୍ରଥମେ ଚିତ୍ରଡା ଧର୍ମକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଏକ ବିମାନରେ ଚିତ୍ରଡା ରାଜାବନ୍ଧ ନିକଟକୁ ଭକ୍ତମାନେ ଆଣିଥିଲେ। ପରେ ଏକ ନୌକାରେ ବିଜେ କରାଇ ମନ୍ଦିର ପୂଜାରୀ ମଦନ ମୋହନ ପଣ୍ଡା, ନାଉରୀ ଦଇତାପତି କୈଳାସ ଖଣ୍ଡେଲୱାଲ, ଅଜୟ କୁମାର ପାଳ, ପ୍ରତାପ ମହାନ୍ତ, ଅମ୍ବୁଜ ମହାନ୍ତ, ମନୋଜ ମହାନ୍ତ, ଡମ୍ବୁରୁ ମହାନ୍ତ, ତରୁଣ କୁମାର ମହାକୁଡ଼ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି କୈଳାସ ଦଳେଇ ରାଜାବନ୍ଧରେ ପରିଭ୍ରମଣ କରାଇଥିଲେ। ମହାପ୍ରଭୁଙ୍କ ଜଳ କ୍ରୀଡା ଦେଖିବାକୁ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ଭଜନ କୀର୍ତ୍ତନର ବ୍ୟବସ୍ଥା କରାଯାଇଥିଲା। ଯାତ୍ରାରେ ମୋରଡ଼ା ବାବା ଅଭିରାମ ମଠରେ ମଧ ଚନ୍ଦନ ପୂର୍ଣ୍ଣିମା ଉପଲକ୍ଷେ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମଠରେ ବିଜୁ ଜନତା ଦଳର ବିଧାନସଭା ପ୍ରାର୍ଥୀ ପ୍ରୀତିନନ୍ଦା କାନୁନଗୋ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଘରକୁ ଘର ରାଇସେନଙ୍କ ପ୍ରଚାର

**ରାଇରଙ୍ଗପୁର, ୨୨।୫(ସମିସ):** ରାଇରଙ୍ଗପୁର ବିଜେଡି ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ ପୌର ପରିଷଦର ଅଞ୍ଚଳରେ ନିର୍ବାଚନୀ ପ୍ରଚାର କରିଛନ୍ତି। ପ୍ରଥମ ଦିନ ୱାର୍ଡ ସଂଖ୍ୟା ୪ ଓ ୧୫ରେ ପ୍ରତି ଘରକୁ ଯାଇ ବିଜେଡିକୁ ଶଙ୍ଖଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ଦ୍ୱିତୀୟ ଦିନ ରାଇସେନ ୭ ଏବଂ ୮ନଂ. ୱାର୍ଡରେ ନିର୍ବାଚନ ପ୍ରଚାର କରିଥିଲେ। ଏଥି ସହିତ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ବିଜେଡିକୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବିଜେଡି ସରକାରଙ୍କ ବିକାଶର ବାର୍ତ୍ତା ସହିତ ଆଗାମୀ ନିର୍ବାଚନରେ ଦଳ ନିର୍ବାଚନ ଜିତିଲେ ଜୁଲାଇ ମାସ ଠାରୁ ମାଗଣାରେ ୧୦୦ ୟୁନିଟ୍ ବିଜୁଳି ସହିତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରେ ସାମିଲ କରିବା, ମିଶନ ଶକ୍ତି ଯୋଜନାରେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମହିଳାଙ୍କୁ ଋଣ ଓ ଅନ୍ୟ ଯୋଜନା ଗୁଡିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ନେଇ ଭୋଟରଙ୍କୁ ଅବଗତ କରାଇଥିଲେ। ତେଣୁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ୍ ଦେବାକୁ ବିଧାୟକ ପ୍ରାର୍ଥୀ ଶ୍ରୀ ମୁର୍ମୁ ୱାର୍ଡବାସୀଙ୍କୁ ଅନୁରୋଧ କରିଥିଲେ। ଗତ କିଛି ଦିନ ପୂର୍ବରୁ ରାଇସେନ ଜାମଦା ବ୍ଲକ ଅଞ୍ଚଳର ଜାରକାଣି, ଟେଣ୍ଡରା, ତାଳଗାଁ ଏବଂ ତିରିଂ ବ୍ଲକ ସହିତ ବହଳଦା ବ୍ଲକ ଅଞ୍ଚଳର ଗାଁରେ ବୈଠକ କରି ବିଜେଡି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଗ୍ରାମବାସୀଙ୍କୁ ଶଙ୍ଖ ଚିହ୍ନରେ ଦୁଇଥର ବଟନ ଦବାଇ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ତାଙ୍କ ସହିତ ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଉପାଧ୍ୟକ୍ଷା ମମିତା ଚୌଧୁରୀ, ରାଜ୍ୟ ଶକ୍ତି ବିଭାଗ ଉପଦେଷ୍ଟା ଦୀପ୍ତିମାନ ବଳ, ନଗର ସଭାପତି ଗୌରୀ ଶଙ୍କର ଦତ୍ତ, ଛାତ୍ର ନେତା ବିକାଶ ମହାନ୍ତ, ପଙ୍କଜ ଦାସ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



## ଯଶିପୁର ଆସନରେ ତ୍ରିମୁଖୀ ଲଢ଼େଇ; ନିର୍ଣ୍ଣାୟକ ହେବ ଏସୟୁସିଆଇ ଓ କଂଗ୍ରେସ

**ଖୁଣ୍ଟି, ୨୩।୫(ସମିସ):** ଆସନ୍ତା ୧ ତାରିଖରେ ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି କ୍ରମରେ ଯଶିପୁର ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ପାଇଁ ଜୁନ ୧ ତାରିଖରେ ଭୋଟଗ୍ରହଣ କରାଯିବ। ଏଠାରୁ ବିଜେଡିରୁ ଚକ୍ରଧର ହେମ୍ବ୍ରମ, ବିଜେପିରୁ ଗଣେଶ ରାମସିଂ ଖୁଣ୍ଟିଆ, କଂଗ୍ରେସରୁ ଶ୍ୱେତା ଚାତାର, ଏସୟୁସିଆଇ(ସି)ରୁ ନୀଳାମ୍ବର ନାଏକ, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିରୁ ଦିଲ୍ଲୀପ କୁମାର ନାଏକ ସମେତ ସ୍ୱାଧୀନ ପ୍ରାର୍ଥୀ କ୍ୟାପଟେନ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଯୋଗେନ୍ଦ୍ର ନାଥ ପୂର୍ତ୍ତି, ମାଇନ ବେସ୍ରା ଓ ନବକିଶୋର ଟୁଡୁଙ୍କ ସମେତ ୯ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଜେଡି ଓ ବିଜେପି ମାରାଥନ ପ୍ରଚାର ଚଳାଇଥିବା ବେଳେ ଏସୟୁସିଆଇ ଓ କଂଗ୍ରେସ ନିଜ ନିଜ ସ୍ତରରେ ପ୍ରଚାର ଚଳାଇଛନ୍ତି। କଂଗ୍ରେସର କୌଣସି ବଡ ଧରଣର ସଭା ସମିତି କି ରୋଡ଼ ଶୋ' ଦେଖିବାକୁ ମିଳୁନାହିଁ। ତେବେ ଏହି ଆସନରୁ ତିନିଥର ନିର୍ବାଚିତ ହୋଇଥିବା ଏସୟୁସିଆଇର ଟାଣୁଆ ଆଦିବାସୀ ନେତା ଶମ୍ଭୁନାଥ ନାଏକ ବୟସାଧିକ କାରଣରୁ ନିର୍ବାଚନ ଲଢୁ ନ ଥିବାରୁ ତାଙ୍କ ପରିବର୍ତ୍ତେ ଅବସରପ୍ରାପ୍ତ ଶିକ୍ଷକ ନୀଳାମ୍ବର ନାଏକଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସ ସମ୍ପୂର୍ଣ୍ଣ ନୂଆ ଚେହେରାକୁ ଟିକଟ ଦେଇଛି। ଉଭୟ ଦଳର ପାରମ୍ପରିକ ଭୋଟ ବ୍ୟାଙ୍କ ରହିଛି। ତେବେ ଏଠାରେ ମୁଖ୍ୟତଃ ବିଜେଡି ଏବଂ ବିଜେପି ମଧ୍ୟରେ ଲଢେଇ ହେବ। ଏସୟୁସିଆଇ ଓ କଂଗ୍ରେସ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## କରଞ୍ଜିଆରେ ଜେ.ପି. ନଡ୍ଡାଙ୍କ ନିର୍ବାଚନ ପ୍ରଚାର



**କରଞ୍ଜିଆ, ୨୩।୫(ସମିସ):** କେନ୍ଦୁଝର ଲୋକସଭା କ୍ଷେତ୍ର ଅନ୍ତର୍ଗତ କରଞ୍ଜିଆ ବିଧାନସଭା ଆସନରେ ଆସନ୍ତା ୨୫ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ଏହି ଆସନ ପାଇଁ ବିଜେଡି, କଂଗ୍ରେସ, ଏସୟୁସିଆଇ, ବିଜେପି, ବହୁଜନ ମୁକ୍ତି ପାର୍ଟି, ଓଡ଼ିଶା ଜନତା ପାର୍ଟି ଓ ସ୍ୱାଧୀନ ସମେତ ୧୧ ପ୍ରାର୍ଥୀ ଲଢୁଛନ୍ତି। ବିଜେପିରୁ ବିଧାୟକ ପ୍ରାର୍ଥୀ ଭାବେ ପଦ୍ମଚରଣ ହାଇବ୍ରୁ ଓ ସାଂସଦ ପ୍ରାର୍ଥୀ ଭାବେ ଅନନ୍ତ ଚରଣ ନାୟକ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଆଜି ଗୋଲେଇ ସନ୍ନିକଟ ଏକ ପଡ଼ିଆରେ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପିର ଷ୍ଟାର ପ୍ରଚାରକ ତଥା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିଥିଲେ। ତାଙ୍କ ସହିତ ନବରଙ୍ଗପୁର ସାଂସଦ ପ୍ରାର୍ଥୀ ବଳଭଦ୍ର ମାଝୀ, କେନ୍ଦୁଝର ସାଂସଦ ପ୍ରାର୍ଥୀ ଅନନ୍ତ ଚରଣ ନାୟକ, କରଞ୍ଜିଆ ବିଧାନସଭା ପ୍ରାର୍ଥୀ ପଦ୍ମଚରଣ ହାଇବ୍ରୁ ସମେତ ବହୁ ଦଳୀୟ ନେତା ମଞ୍ଚରେ ଉପସ୍ଥିତ ଥିଲେ।

# ନିର୍ବାଚନ ଦିନ ୧୪୪ ଧାରା ଜାରି

**ବାରିପଦା, ୨୩।୫(ସମିସ):** ସାଧାରଣ ନିର୍ବାଚନକୁ ମୟୂରଭଞ୍ଜ ଜିଲ୍ଲାରେ ଶାନ୍ତିପୂର୍ଣ୍ଣ, ମୁକ୍ତ ଏବଂ ନିରପେକ୍ଷଭାବେ ସଞ୍ଚାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରୟାସ ଜାରି ରହିଛି। ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ କରଞ୍ଜିଆ ବିଧାନସଭା କ୍ଷେତ୍ର ପାଇଁ ୧୪୪ ଧାରା ଜାରି କରିଛନ୍ତି। ଆଗାମୀ ୨୫ତାରିଖରେ କରଞ୍ଜିଆରେ ମତଦାନ ଅନୁଷ୍ଠିତ ହେବ। ତେଣୁ ଉକ୍ତ ଦିନ ପାଇଁ ୧୪୪ ଧାରା ଜାରି କରାଯାଇଛି। ଏ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ସୂଚନା ଅନୁଯାୟୀ, ଶନିବାର କରଞ୍ଜିଆରେ ହେବାକୁ ଥିବା ମତଦାନ ପାଇଁ ଜିଲ୍ଲା ଦଣ୍ଡାଧିକାରୀ ଶ୍ରୀ ସିନ୍ଦେ ଏହି ୧୪୪ ଧାରା ଉକ୍ତ ଦିନ ସକାଳ ୭ଟାରୁ ଆରମ୍ଭ କରି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ମତଦାନ କେନ୍ଦ୍ରରେ ଏହି ନିୟମ ବଳବତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଧାରା ପ୍ରଣୟନ ଅନୁଯାୟୀ, ପ୍ରିଜାଇଡିଂ ଅଫିସରଙ୍କୁ ବାଦ ଦେଇ ମତଦାନ କେନ୍ଦ୍ର ଭିତରେ କୌଣସି ବ୍ୟକ୍ତି ମୋବାଇଲ୍ ଫୋନ୍ ବ୍ୟବହାର କରିବେ ନାହିଁ। କୌଣସି ବ୍ୟକ୍ତି ମତଦାନ କେନ୍ଦ୍ରର ୨୦୦ ମିଟର ବ୍ୟାସାର୍ଦ୍ଧରେ କୌଣସି ରାଜନୈତିକ କାର୍ଯ୍ୟକଳାପ କରିବେ ନାହିଁ। କୌଣସି ବ୍ୟକ୍ତି ନିର୍ବାଚନ ସମ୍ପର୍କରେ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରାକୁ ଡାକିବା, ଆୟୋଜନ କରିବା, ଯୋଗଦେବା କିମ୍ବା ସମ୍ବୋଧିତ କରିବେ ନାହିଁ। ସିନେମାଟୋଗ୍ରାଫ୍, ଟେଲିଭିଜନ୍ କିମ୍ବା ଅନ୍ୟାନ୍ୟ ସମାନ ଉପକରଣ ମାଧ୍ୟମରେ କୌଣସି ବ୍ୟକ୍ତି ନିର୍ବାଚନ ବିଷୟ କୌଣସି ଜନସାଧାରଣଙ୍କୁ ପ୍ରଦର୍ଶନ କରିବେ ନାହିଁ। ମତଦାନ ଶେଷ ହେବା ପାଇଁ ସ୍ଥିର ହୋଇଥିବା ସମୟ ସହିତ ୪୮ ଘଣ୍ଟା ମଧ୍ୟରେ ଉପରୋକ୍ତ ନିର୍ବାଚନମଣ୍ଡଳୀରେ କୌଣସି ମ୍ୟୁଜିକାଲ୍ କନ୍ସର୍ଟ କିମ୍ବା କୌଣସି ନାଟ୍ୟ ପ୍ରଦର୍ଶନ କିମ୍ବା ଅନ୍ୟ କୌଣସି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କିମ୍ବା ଆୟୋଜନ କରି କୌଣସି ବ୍ୟକ୍ତି, ସେହି ଅଞ୍ଚଳରେ ଜନସାଧାରଣଙ୍କ ନିକଟରେ ପ୍ରଚାର କରିବେ ନାହିଁ। ଏହି ପରିପ୍ରେକ୍ଷୀରେ ପୁଲିସ ଅଧୀକ୍ଷକ ଏହି ନିର୍ଦ୍ଦେଶନାମା ଘୋଷଣା କରିବେ ଏବଂ ତୁରନ୍ତ ସମ୍ପୃକ୍ତ ସ୍ଥାନର ଆରକ୍ଷୀ ଅଧିକ୍ଷକ ମାଧ୍ୟମରେ ବିଭାଗ ୧୩୪/୭୨ ସିଆର ପିସି ନିର୍ଦ୍ଦିଷ୍ଟ ପଦ୍ଧତିରେ ଅବଗତ କରାଇବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମତଦାନ ଶେଷ ହେବା ପର୍ଯ୍ୟନ୍ତ ୨୫ତାରିଖ ସନ୍ଧ୍ୟା ୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ ବଳବତ୍ତର ରହିବ ବୋଲି କୁହାଯାଇଛି।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ

**ରାଇରଙ୍ଗପୁର, ୨୩।୫(ସମିସ):** ସାନ୍ତାଳୀମାନଙ୍କ ଆରାଧ୍ୟ ତଥା ସାନ୍ତାଳୀ ଅଲ ଚିକି ଲିପି ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ ତମ ଜନ୍ମ ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳ ସମୟରେ ପାରସୀ ସିଂଜ ଚାନ୍ଦ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ମହାଲ ମାଡ଼ବା ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରଥମେ ସ୍ୱର୍ଗତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୈତୃକ ଗାଁ ଦାଣ୍ଡବୋଷ ବାସଭବନ ପରିସରରେ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପରିବାରର ସମସ୍ତ ସଦସ୍ୟ ଡାହାରଡିହିରେ ପହଞ୍ଚିଥିଲେ। ସେଠାରେ ସ୍ୱର୍ଗତ ମୁର୍ମୁଙ୍କ ସମାଧିପୀଠରେ ପୂଜାର୍ଚ୍ଚନା ପରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେବା ସହିତ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହା ପରେ ଝାଡ଼ଖଣ୍ଡ, ଆସାମ, ପଶ୍ଚିମବଙ୍ଗ, ବିହାର ସହିତ ଅନ୍ୟ ରାଜ୍ୟରୁ ଆସିଥିବା ସାନ୍ତାଳୀ ସମ୍ପ୍ରଦାୟର ଲୋକେ ମଧ୍ୟ ଜୟନ୍ତୀ ସମାରୋହରେ ସମ୍ମିଳିତ ହୋଇଥିଲେ।

## ଠିକାଦାରଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

**ବାରିପଦା, ୨୩।୫(ସମିସ):** ସ୍ଥାନୀୟ ତକତପୁର ଅଞ୍ଚଳର ଜଣେ ଠିକାଦାରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ସୁଦର୍ଶନ ପୁଥାଳ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଠିକାଦାର ଶ୍ରୀ ପୁଥାଳଙ୍କୁ ପ୍ରାୟ ୧୫ଜଣ ଗ୍ରାମବାସୀ ମିଳିତ ଭାବେ ଆକ୍ରମଣ କରିଥିଲେ। ଫଳରେ ସେ ଆତ୍ମରକ୍ଷା ପାଇଁ ନିକଟସ୍ଥ ଏକ ଘରେ ପଶିଯାଇଥିଲେ। ଏପରିକି ସେ ଭୟରେ ଘରର ପଛପଟ ଝରକା ଭାଙ୍ଗି ପଳାଉଥିବା ବେଳେ ମଧ ତାଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ୫ ଆହତ

**ବେତନଟୀ, ୨୩।୫(ସମିସ):** ବେତନଟୀ-ବଡସାହି ରାସ୍ତାର ବାଘମରା ଛକରେ ଗୁରୁବାର ସକାଳେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୩ ଜଣ ଗୁରୁତର ହେବା ସହିତ ୨ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ୩ ଜଣଙ୍କୁ ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରତ କରାଯାଇଛି। ସୂଚନା ମୁତାବକ ଆମ୍ବଯୋଡା ଗ୍ରାମର ଚିତ୍ତରଞ୍ଜନ ବେହେରେ ବାଇକ୍ ଯୋଗେ ବଡସାହିରୁ ବେତନଟୀ ଫେରୁଥିଲେ। ଏହି ସମୟରେ ବଡସାହି ଥାନା ଅଧୀନ ବେଲପାଳ ଗ୍ରାମର କୈଳାଶ ସିଂଙ୍କ ପୁଅ ଅଜିତ, ଟିକିନା ସିଂଙ୍କ ପୁଅ ଗଙ୍ଗାଧର ଏବଂ ଭରତ ସିଂଙ୍କ ପୁଅ ଜୟନ୍ତ ବଡସାହି ଅଭିମୁଖେ ଘରକୁ ଫେରୁଥିବା ବେଳେ ବାଘମରାଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ମୋଟରସାଇକେଲ ଅତ୍ୟନ୍ତ ଦୃତଗତିରେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ଉଭୟ ମୋଟରସାଇକେଲର ସମ୍ମୁଖ ଚକ ଗୁଡିକ ଭାଙ୍ଗି ଅଲଗା ହୋଇଯାଇଥିଲା। ସ୍ଥାନୀୟଲୋକେ ସମସ୍ତ ଗୁରୁତର ଏବଂ ଆହତଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସଯୋଗେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଗୁରୁତର ୩ ଜଣଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି।

## କାର୍ ଧକ୍କାରେ ଦୁଇ ଯୁବକ ଗୁରୁତର

**ମୋରଡ଼ା, ୨୩।୫(ସମିସ):** ଚିତ୍ରଡା ଫାଣ୍ଡି ଅଧୀନ ବାରିପଦା-ଅମରଦାର ୬୧ନମ୍ବର ରାଜ୍ୟ ରାଜପଥର ଅସ୍ତିଆ ନିକଟରେ ଆଜି ସନ୍ଧ୍ୟା ସମୟରେ ଏକ ଅଜଣା କାର ଧକ୍କାରେ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ରାସ୍ତା କଡରେ ଏକ ଟ୍ରଲି ରିକ୍ସା ଧରି ଛିଡା ହୋଇଥିବା ଅସ୍ତିଆ ଗ୍ରାମର ବୀର ସିଂ ମୁର୍ମୁ ଏବଂ ନଗା ମାର୍ଣ୍ଡିଙ୍କୁ ବାରିପଦାରୁ ଚିତ୍ରଡା ଅଭିମୁଖେ ଆସୁଥିବା ଏକ ଅଜଣା କାର ଧକ୍କାଦେଇଥିଲା। ଫଳରେ ଦୁଇଜଣ ଯାକ ଛିଟିକି ରାସ୍ତା କଡରେ ପଡ଼ିବା ସହିତ ଗୁରୁତର ଆହତ ହୋଇଥିଲେ। ପରେ ଗୁରୁତରଙ୍କୁ ଉଦ୍ଧାର କରି କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଘରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି

**ବାରିପଦା, ୨୩।୫(ସମିସ):** ବିଳମ୍ବିତ ରାତିରେ ଘରୁ ଟଙ୍କା, ସୁନା ଅଳଙ୍କାର ଓ ସାମଗ୍ରୀ ଚୋରି ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ନେଇ କାଳିକାପୁର ଅଞ୍ଚଳର ଶ୍ରୀକାନ୍ତ ବେହେରା (୫୭) ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଘର ଲୋକଙ୍କ ଉପସ୍ଥିତିରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘରେ ପ୍ରବେଶ କରିଥିଲେ। ଆଲମିରାରେ ଥିବା ଟଙ୍କା, ସୁନା ଚେନ, ସୁନା କଏନ, ସୁନା ବଳା, ରୂପା ଅଳଙ୍କାର, ଲ୍ୟାପଟପ ଏବଂ ଅନ୍ୟାନ୍ୟ ସାମଗ୍ରୀ ଆଦି ଚୋରି କରିଛନ୍ତି।

## ମୋବାଇଲ ଛିନ୍‌ତାଇ ଅଭିଯୋଗ

**ବାରିପଦା, ୨୩।୫(ସମିସ):** ବାରିପଦା ସହରରେ ମୋବାଇଲ ଛିନତାଇ ନେଇ ପୁଣି ଅଭିଯୋଗ ହୋଇଛି। ଏନେଇ ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ସହକାରୀ ପ୍ରଫେସର ଡ଼ଃ ମୋନାଲି ମଧୁସ୍ମିତା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେ ପାଲବଣିରୁ ଦେବେନ୍ଦ୍ରପୁର ପଟକୁ ସନ୍ଧ୍ୟା ସମୟରେ ସ୍କୁଟି ଯୋଗେ ଯାଉଥିବା ବେଳେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ଉକ୍ତ ସମୟରେ ତାଙ୍କର ଏକ ଜରୁରୀ ଫୋନ ଆସିଥିଲା। ସ୍କୁଟି ରାସ୍ତା କଡକୁ ପାର୍କିଂ କରି ଫୋନ ରିସିଭ କରି କଥା ହେଉଥିବା ବେଳେ ହଠାତ ଦୁର୍ବୃତ୍ତମାନେ ମୋବାଇଲ ଛିନତାଇ କରି ପଳାଇଥିଲେ। ଏ ନେଇ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

## ବାଡୁଣିଆରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ

# ମାଦଳର ତାଳେ ତାଳେ ନାଚିଲେ ଆଦିବାସୀ



**ବିଶୋଇ, ୨୩।୫ (ସମିସ)**

ବିଶୋଇ ବ୍ଲକ ଅନ୍ତର୍ଗତ ବାଡୁଣିଆଠାରେ ଭଞ୍ଜ ଇପିଲ ସୁନାରାମ ସୋରେନ ୟୁଥ କ୍ଲବ ଆନୁକୂଲ୍ୟରେ ବିଶିଷ୍ଟ ସାନ୍ତାଳୀ କବି ତଥା ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ବାଡୁଣିଆ ପଡ଼ିଆ ଠାରେ ଶତାଧିକ ଜନସାଧାରଣଙ୍କ ଉପସ୍ଥିତିରେ ପୂଜକ ରାମଦାସ ଟୁଡୁ ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଆସେକା ଶାଖାର ଦେସ୍ ପାର୍ଗାନା ଖେଲାରାମ ହାଁସଦା ଯୋଗଦେଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ପତାକା ଉତ୍ତୋଳନ କରିଥିଲେ। ସେହିପରି ଲୁହାକାନି ପ୍ରାକ୍ତନ ସରପଞ୍ଚ ବାଘରାୟ ବେଶ୍ରା ଓ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଗୁରୁବା ମୁର୍ମୁ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସାନ୍ତାଳୀ ଭାଷାକୁ ସମୃଦ୍ଧ ଓ ଋଦ୍ଧିମନ୍ତ କରିବା କ୍ଷେତ୍ରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନ ସର୍ବଦା ସ୍ମରଣୀୟ ବୋଲି ଅତିଥିମାନେ କହିଥିଲେ। ପରେ ଶତାଧିକ ମହିଳା ଓ ଯୁବତୀ ପାରମ୍ପରିକ ପୋଷାକ ପରିଧାନ କରି ହାତକୁ ହାତ ଛନ୍ଦି ମାଦଳ ବଜାର ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ। ଲୋକପ୍ରିୟ କଣ୍ଠଶିଳ୍ପୀ ଡାଗର ଟୁଡୁଙ୍କ ସହିତ ତାଙ୍କ ଟିମଙ୍କ ଉଚ୍ଚକୋଟିର ମେଲୋଡି କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ। କ୍ଲବ ସଭାପତି ମଥୁରା ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବ ସମ୍ପାଦକ ସାମନ୍ତ ଶେଖର ମାଝୀ, ଚୁନୁରାମ କିସ୍କୁ, ସାଇବୁ ସୋରେନ, ବଦେନ କିସ୍କୁ, ଅଜେନ ମୁର୍ମୁ, ସୁରେନ୍ଦ୍ର ହେମ୍ବ୍ରମ, ରାମଚନ୍ଦ୍ର କିସ୍କୁ, ରାମ ଟୁଡୁ, ମଙ୍ଗଳ ମୁର୍ମୁ, ବାର୍ଷା କିସ୍କୁ, କିଷାନ ସୋରେନ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**Format C-1**

(for candidate to publish in Newspapers, TV)

**Declaration about criminal cases**

(As per the judgment dated 25 September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate: **JAYADEV JENA,** S/o- Late Sankhali Charan Jena, At- Sankrana, Po- Mareigaon, Ps.- Nandipada, Dist.- Keonjhar, Odisha

Name of political party: **INDIAN NATIONAL CONGRESS**

(Independent candidates should write "Independent" here)

Name of Election: **ELECTION TO LEGISLATIVE ASSEMBLY OF ODISHA**

Name of Constituency: **22-ANANDPUR (S.C.)**

I **JAYADEV JENA** (name of candidate), a candidate for the above mentioned election; declare for public information the following details about any criminal antecedents:

**(A) Pending criminal cases:-**

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 01 | J.M.F.C HATADIHI | GR case No. 610/2013 | Pending | U/s- 147/294/436/149/451/427/186 of IPC & U/s 3& 4 of PDPP Act. |

**(B) Details about Cases of Conviction for criminal offence:**

| SL.NO | Name of Court & Date(s) of Order (s) | Description of Office(s) & Punishment Imposed | Maximum Punishment Imposed |
|---|---|---|---|
| 1 | Nil | Nil | Nil |

*In the case of election to Council of States or election to Legislative Council by MLAS, mention the election concerned in place of name of constituency.

**Sd/- Jayadev Jena**

## ଚିକିତ୍ସା ହେବାକୁ ଯାଇ ବୃଦ୍ଧ ନିଖୋଜ



**ହାଟଡ଼ିହୀ,୨୩।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଧୀନ ସଡ଼ଙ୍ଗା ଗ୍ରାମର ବିକଳ ଜେନା (୬୦) ଅସୁସ୍ଥ ହୋଇ ଗତ ୨୦ତାରିଖ ଦିନ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ଯାଇଥିଲେ। ବିକଳଙ୍କୁ ନେଇ ତାଙ୍କ ସହିତ ପତ୍ନୀ ଓ ସାନ ଭାଇ ଯାଇଥିଲେ। ଉକ୍ତ ରାତି ପ୍ରାୟ ୨ଟା ବେଳେ ବିକଳଙ୍କୁ ବେଡ଼ରେ ନପାଇ ପତ୍ନୀ ଓ ଭାଇବୋହୂ ଖୋଜାଖୋଜି କରିଥିଲେ ସୁଦ୍ଧା ଏଯାଏଁ ତାଙ୍କର କୌଣସି ପତ୍ତା ମିଳିନାହିଁ। ବିକଳଙ୍କ ଦେହର ରଙ୍ଗ ଗୌରବର୍ଣ୍ଣ ଓ ଉଚ୍ଚତା ୬ଫୁଟ ହୋଇଥିଲା ବେଳେ ସେ ଗଲାବେଳେ ଧଳା ଏବଂ ଲୁଙ୍ଗି ପିନ୍ଧିଥିଲେ। ପତ୍ନୀଙ୍କ ପକ୍ଷରୁ ଥାନାରେ ଜଣାଯାଇଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ।

## କୂଅରେ ପଡ଼ି ଶିଶୁ ପୁତ୍ରର ମୃତ୍ୟୁ

ଯୋଡା,୨୩।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ ଆଜାଦ୍ ବସ୍ତି ଠାରେ ଗୁରୁବାର ୩ବର୍ଷର ଶିଶୁ ପୁତ୍ର ଘର ଅଗଣାରେ ଖେଳୁ ଖେଳୁ କୂଅରେ ପଡ଼ି ମୃତ୍ୟୁ ଘଟିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଆଜାଦ୍ ବସ୍ତି ଠାରେ ରହୁଥିବା ସୁବାସ ଅଗ୍ରୱାଲଙ୍କ ଘରକୁ ରାଇରଙ୍ଗପୁରରୁ ତାଙ୍କ ଜ୍ୱାଇଁ ପ୍ରହ୍ଲାଦ ଅଗ୍ରୱାଲ ସପରିବାର ଆସିଥିଲେ। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨.୩୦ ମିନିଟ ସମୟରେ ଘରେ ଥିବା ସଦସ୍ୟ ମାନେ ରୋଷେଇ କାର୍ଯ୍ୟରେ ବ୍ୟସ୍ତଥିଲେ। ଏହି ସମୟରେ ପ୍ରହ୍ଲାଦଙ୍କ ୩ବର୍ଷର ଶିଶୁ ପୁତ୍ର ଗୋପାଲ ଖେଳୁ ଖେଳୁ ଘର ଅଗଣାରେ ଥିବା କୂଅ ପାଖକୁ ଚାଲି ଯାଇଥିଲେ। କୂଅର ପାଣି ଯେପରି ପରିତ୍ୟକ୍ତ ନ ହୁଏ, ସେଥିପାଇଁ କୂଅ ଉପରେ ଏକ ମଶାରି ଘୋଡାଇ ରଖା ଯାଇଥିଲା। ଶିଶୁପୁତ୍ର ଗୋପାଲ ଏହି ମଶାରି ଉପରକୁ ଚଢ଼ି ଯିବାରୁ ମଶାରି ସହିତ କୂଅରେ ପଡ଼ି ଯାଇଥିଲେ। ପରିବାର ଲୋକେ ଗୋପାଲକୁ ଖୋଜାଖୋଜି କରିବା ସହିତ ପଡିଶା ଲୋକ ମଧ୍ୟ ଖୋଜିଥିଲେ। ତେବେ ଗୋପାଲକୁ କୂଅ ମଧ୍ୟରୁ ଉଦ୍ଧାର କରି ଯୋଡା ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘରୋଇ ଡାକ୍ତରଖାନାରୁ ମୃତଦେହକୁ ନେଇ ଟାଟାଷ୍ଟିଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ନିମନ୍ତେ ବଡ଼ବିଲ ଡାକ୍ତରଖାନା କୁ ପଠାଇଛି। ଏ ନେଇ ଯୋଡା ପୁଲିସ ଏକ ଅପମୃତ୍ୟୁ ମାମଲା ନଂ ୧୮/୨୦୨୪ ରୁଜୁ କରି ଥିବା ସୂଚନା ଦେଇଛି। ଶିଶୁ ପୁତ୍ରର ମୃତ୍ୟୁ ଘଟଣା ପରେ ପରିବାର ତଥା ଆଖପାଖ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଦେଓଗାଁରେ ବିଶ୍ୱଶାନ୍ତି ମହାଯଜ୍ଞ



**ଆନନ୍ଦପୁର,୨୩।୫(ସମିସ):** ଗତ ପାଞ୍ଚ ଦିନ ଧରି ବାବା କୁଶଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାଧୁ ଗଣେଶ୍ୱର ବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀଶ୍ରୀ ଅନନ୍ତ ଶେଷ ଦେବଙ୍କ ୫୮ ତମ ବିଶ୍ୱଶାନ୍ତି ମହାଯଜ୍ଞ ଦେଓଗାଁ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଯଥାରୀତି ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେହ ସକାଳ ୫ଟାରୁ ରାତ୍ର ୧୦ଘଟିକା, ସୂର୍ଯ୍ୟ ପୂଜା, ଗୋ ପୂଜା, ଯଜ୍ଞ, ଚଣ୍ଡୀପାଠ, ରୁଦ୍ରାଭିଷେକ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କାର୍ଯ୍ୟକ୍ରମକୁ ପଣ୍ଡିତ ମନୋରଞ୍ଜନ ପଣ୍ଡା, ଶିବପ୍ରସାଦ ପଣ୍ଡା, ଆନନ୍ଦ ପାଣିଗ୍ରାହୀ, ପପିନ ପଣ୍ଡା, ସୁନନ୍ଦ ଦାଶ, ରମେଶ ପତି, ଏକାଦଶୀ ପଣ୍ଡା, ଦୈତାରୀ ପଣ୍ଡା, ବଳରାମ ପାଣିଗ୍ରାହୀ, ହେମନ୍ତ ଦାଶ, ଶଙ୍କର୍ଷଣ ପଣ୍ଡା, ମୁରାରୀ ଦାଶ, ଜୟପ୍ରସାଦ ପ୍ରମୋଦ ଦାସ ପରିଚାଳନା କରିଥିଲେ।

## ରାସପାର୍ଟି କଳାକାରଙ୍କ ସ୍ମୃତିସଭା

ଆନନ୍ଦପୁର, ୨୩।୫(ସମିସ): କେନ୍ଦୁଝର ଜିଲ୍ଲାର ସୁପ୍ରସିଦ୍ଧ ନାଟମଞ୍ଚ କଳାକାର ଆନନ୍ଦପୁର ନୃସିଂହ ନାରାୟଣ ରାସପାର୍ଟିର ପ୍ରତିଭା ସମ୍ପନ୍ନ କଳାକାର ବେଣୁଧର ବେହେରାଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆନନ୍ଦପୁର ପାଟରା ସାହିସ୍ଥିତ ଶ୍ରୀପତିତପାବନଜିଉଙ୍କ ମଠରେ ଆୟୋଜିତ ସ୍ମୃତି ସଭାକୁ ଶ୍ରୀନୃସିଂହନାରାୟଣ ରାସପାର୍ଟିର ସଭାପତି ରମାକାନ୍ତ ନାୟକ ସଂଯୋଜନାରେ ଉପସ୍ଥିତ ସମସ୍ତ କଳାକାର ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସ୍ୱର୍ଗତ ବେଣୁଧରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହି ସଭାରେ ନାରାୟଣ ଶା, ମନୋରଞ୍ଜନ ମହାପାତ୍ର, ମଦନ ପାଣି, କୈଳାସ ନାୟକ, ମଦନମୋହନ କୁଣ୍ଡୁ, ପଦ୍ମନାଭ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ। ସେ ଜଣେ ନାଟ୍ୟଶିଳ୍ପୀ ଭାବେ ବିଭିନ୍ନ ଅଞ୍ଚଳରେ ରାସ ପାର୍ଟୀ ରଙ୍ଗମଞ୍ଚରେ ଅଭିନୟ କରି ଦର୍ଶକ ମାନଙ୍କୁ ମୁଗ୍ଧ କରୁଥିଲେ।

### ସୂଚନା ଫଳକ ଉଠାଯାଇନଥିବାରୁ ପ୍ରତିଦିନ ଘଟୁଛି ଦୁର୍ଘଟଣା

# ବାରିଗାଁ ଡାଇଭର୍ସନ ଡିଭାଇଡରରେ ପିଟି ହୋଇ ୨ ଗୁରୁତର

ଆନନ୍ଦପୁର,୨୩।୫(ସମିସ)




ଜାତୀୟ ରାଜପଥ ୨୦ନଂ.ର ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ହୋଇଥିବା ଡାଇଭର୍ସନକୁ ଗତ ତିନି ମାସ ହେବ ବନ୍ଦ କରିଦିଆଯାଇଛି। ତେବେ ୧୦୦ ମିଟର ପୂର୍ବରୁ ଲାଗିଥିବା ସୂଚନା ଫଳକ ଉଠାଯାଇନଥିବାରୁ ଆଜି ବାଇକ୍‌ରେ ଯାଉଥିବା ଦୁଇଜଣ ଆରୋହୀ ଡିଭାଇଡରରେ ପିଟି ହୋଇ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଯାଜପୁର ରୋଡ ଅଞ୍ଚଳର ପ୍ରଶାନ୍ତ ଦେହୁରୀ ଓ ସାତବାଟି ଅଞ୍ଚଳର ରୋନୁ ନାୟକ ଆନନ୍ଦପୁରରୁ ବାଇକ ଯୋଗେ ଯାଜପୁର ରୋଡ ଫେରୁଥିବା ବେଳେ ଏହି ଭୁଲ ସୂଚନା ଯୋଗୁ ଡାଇଭର୍ସନ ଡିଭାଇଡରରେ ପିଟି ହୋଇଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଅଗ୍ନିଶମ କର୍ମଚାରୀମାନେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତି କରିଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ବାରିଗାଁ ନିକଟରେ ଲଗାଯାଇଥିବା ସୂଚନାଫଳକ ଉଠାଯାଇନଥିବାରୁ ଏହି ସ୍ଥାନରେ ପ୍ରତିଦିନ ଦୁର୍ଘଟଣା ହୋଇ ଧନଜୀବନ ହାନି ହେଉଥିବା ଜଣାଯାଇଛି। ଜାତୀୟ ରାଜପଥର ନିର୍ମାଣକାର୍ଯ୍ୟ ଅଧାପନ୍ତରିଆ ଭାବେ ଛାଡିଦିଆଯାଇଥିବା ବେଳେ ଶାଳପଡାଠାରେ ଗୋଟିଏ ପାର୍ଶ୍ୱର ରାସ୍ତାକୁ ବନ୍ଦ କରିଦିଆଯାଇଥିବାରୁ ବାରିଗାଁ ନିକଟରେ ଯାତାୟତର ସୁବିଧା ପାଇଁ ଡାଇଭର୍ସନ କରାଯାଇଥିଲା। ହେଲେ ଏହି ଡାଇର୍ସନ ପାଇଁ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ହେବାରୁ ପୁଲିସ ଓ ପ୍ରଶାସନ ପକ୍ଷରୁ ଏହି ଡାଇଭର୍ସନକୁ ବନ୍ଦ କରାଯାଇଛି। ଗୋହିରାଠାରୁ ଶାଳପଡା ମଧ୍ୟରେ ରାସ୍ତା ପାର୍ଶ୍ୱରେ ଥିବା ଗ୍ୟାରେଜ ଗୁଡିକ ଦୁର୍ଘଟଣାର ଅନ୍ୟ ଏକ କାରଣ ହୋଇଛି। ଗାଡି ମରାମତି ପାଇଁ ଲୁହାପଥର ବୋଝେଇ ଟ୍ରକ ଓ ଖଲାସ କରି ଫେରୁଥିବା ଖାଲିଗାଡି ଗୁଡିକ ଗ୍ୟାରେଜ ସମ୍ମୁଖରେ ରାସ୍ତା ଉପରେ ଗାଡି ରଖି ମରାମତି କାର୍ଯ୍ୟ କରୁଥିବାରୁ ଦୁର୍ଘଟଣା ଏକ ନୀତିଦିନିଆ ଘଟଣାରେ ପରିବର୍ତ୍ତନ ହେଲାଣି। ଏଣୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ, ଉପଖଣ୍ଡ ପ୍ରଶାସନ ଓ ପୁଲିସ ଏଥିପ୍ରତି ଦୃଷ୍ଟି ଦେବା ସହିତ ହମ୍ପସ ଗୁଡିକରେ ସତର୍କ ସୂଚନା (ରଙ୍ଗ ଲେପ) ଦେବାକୁ ସାଧାରଣରେ ଦାବି କରିଛନ୍ତି।

## ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ



ରାମଚନ୍ଦ୍ରପୁର,୨୩।୫(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ନୋଡାଲ୍ ୟୁପି ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସୋରେନ୍ (୪୩) ଗୁରୁବାର ସକାଳୁ ହୃଦ୍‌ଘାତରେ ଅକାଳ ମୃତ୍ୟୁ ଘଟିଛି। ସେ ବର୍ଷେ ତଳେ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। କିଛି ଦିନ ହେଲା ଧାରାବାହିକ ଭାବେ ତାଙ୍କର ହିମୋଗ୍ଲୋବିନ୍ କମ୍ ରହିବା ସହ କିଡ୍‌ନୀ ସମସ୍ୟା ଗୁରୁତର ହେବାରୁ ଅସୁସ୍ଥ ହୋଇପଡିଥିଲେ। ଦୁଇ ଦିନ ତଳେ ସ୍ୱାସ୍ଥ୍ୟବସ୍ଥା ଅଧିକ ବିଗିଡି ଯିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ହେବାରୁ ଭୁବନେଶ୍ୱର ସ୍ଥିତ ଏକ ହରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଗୁରୁବାର ସକାଳେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ବରାଳ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜିବ କୁମାର ବେହେରା, ସମାଜସେବୀ ପ୍ରଭାତ କୁମାର ବରାଳ, ଡ.ରତିକାନ୍ତ ବରାଳ ଗଭୀର ଦୁଃଖ ପ୍ରକାଶ କରିବା ସହ ପରିବାର ବର୍ଗକୁ ସମବେଦନା ଜ୍ଞାପନ କରିଛନ୍ତି। ସୂଚନା ମୁତାବକ ମୃତକ ଶିକ୍ଷୟିତ୍ରୀଙ୍କ ପୈତୃକ ଘର ଘସିପୁରା ବ୍ଲକ ଖାଲିଆମେଣ୍ଢା ପଞ୍ଚାୟତ ଚମାରପଶି ଗ୍ରାମରେ। ସେ ୨୦୦୬ ମସିହାରୁ ଅଳତି ନୋଡାଲ ୟୁପି ସ୍କୁଲରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରି ଦୀର୍ଘ ୧୮ ବର୍ଷ ଧରି ନିରବଚ୍ଛିନ୍ନ ସେବା ଯୋଗାଇ ଦେଇଆସୁଥିଲେ। ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ




**ରାଇରଙ୍ଗପୁର,୨୩।୫(ସମିସ):** ଅଖିଳ ଭାରତୀୟ ଅନୁସୂଚୀତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ ସେବାସ୍ତମ୍ଭ ପକ୍ଷରୁ ଅଲଚିକି ଲିପିର ଶ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ବରିଷ୍ଠ ଉପସଭାପତି ରବିନ୍ଦ୍ର କୁମାର ମୁଖୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବିଶିଷ୍ଟ ସାରସ୍ୱତ ସାଧକ ରଞ୍ଜନ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁ ଗମକେଙ୍କ ଜୀବନୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିଜୟ କୁମାର ରାମ ଅଲଚିକି ଲିପିର ଗୁରୁତ୍ୱପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ମୋତ୍ତାର ହୁସେନ, ଅଧ୍ୟାପକ ରାଜେଶ ରାମ, ସନ୍ତୋଷୀ ରାମ, ମଞ୍ଜୁ ରାମ, ପ୍ରିତି ରାଜ, ରାଜଶ୍ରୀ, ବାଜଲ ମିର୍ମୁ, ଡ. ସାଗ୍ରାମ ଟୁଡୁ, ଦୀନବନ୍ଧୁ ଗିରି ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। ରାଷ୍ଟ୍ରୀୟ ସମ୍ପାଦକ ମୋଚିରାମ ମାଝୀ ଓ ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ହେମ୍ବ୍ରମ ଅନୁପସ୍ଥିତ ରହି ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ। ଶେଷରେ ଗୋପାଳକୃଷ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦପୁରରେ ଗୌତମ ବୁଦ୍ଧଙ୍କ ଜୟନ୍ତୀ ପାଳିତ



ଆନନ୍ଦପୁର,୨୩।୫(ସମିସ): ତ୍ରିପାବନ ବୁଦ୍ଧ ପୂର୍ଣ୍ଣିମା ଅବସରରେ ପରମ କାରୁଣିକ ବୋଧିସତ୍ତ୍ୱ ଗୌତମ ବୁଦ୍ଧଙ୍କ ଜୟନ୍ତୀ ବାବା ସାହେବ ଆମ୍ବେଦକର ସେବାସଂଘ, ଆନନ୍ଦପୁର ବାଇଲୋ ତରଫରୁ ସଂଘ କାର୍ଯ୍ୟାଳୟରେ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ସଂଘର ସଭାପତି ଚତୁର୍ଭୁଜ ଦାଶ ପୌରୋହିତ୍ୟ କରିଥିଲେ। ଉତ୍ସବର ଆରମ୍ଭରେ ତ୍ରିଶରଣ ଗାନ କରାଯାଇ ପୁଷ୍ପଗୁଚ୍ଛ ଅର୍ପଣ ସହ ଧୂପ ଦୀପ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଉତ୍ସବରେ ସଂଘର ସଭାପତି ଚତୁର୍ଭୁଜ ଦାଶ, ଉପସଭାପତି ପ୍ରାଣନାଥ ଜେନା, ବରିଷ୍ଠ ଉପଦେଷ୍ଟା ବିଦେଶୀ ଚରଣ ଜେନା, ହରିହର ଦାଶ ପ୍ରମୁଖ ବୁଦ୍ଧଙ୍କ ଜୀବନୀ, ନୀତି ଏବଂ ଆଦର୍ଶ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସେବାସଂଘର ସାଧାରଣ ସମ୍ପାଦକ ଚତୁର୍ଭୁଜ ଜେନା ପରମ କାରୁଣିକ, ବୋଧିସତ୍ତ୍ୱ ଗୌତମ ବୁଦ୍ଧଙ୍କ ଜୀବନୀ, ଧର୍ମ, ନୀତିଶିକ୍ଷା, ସାମାଜିକ ସଂସ୍କାର ଏବଂ ବୁଦ୍ଧଙ୍କ ଧର୍ମ ଏବଂ ଦର୍ଶନ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଶେଷରେ ଉପଦେଷ୍ଟା ରବୀନ୍ଦ୍ର ପ୍ରସାଦ ଚାନ୍ଦ ମହାମାନବ ବୁଦ୍ଧଙ୍କ ଉଦ୍ଦେଶ୍ୟରେ ଏକ କବିତା ପାଠ କରିଥିଲେ। ଏହି ଉତ୍ସବରେ ସେବାସଂଘର ଉପସଭାପତି ଶ୍ରୀକାନ୍ତ ଜେନା, ସାଂସ୍କୃତିକ ସମ୍ପାଦକ କଳାକାର ଜେନା, ଉପଦେଷ୍ଟା ଦାମୋଦର ଜେନା, ଅଭିମନ୍ୟୁ ଜେନା, ନାରାୟଣ ଜେନା, କେନ୍ଦ୍ରୀୟ ସାଂଗଠନିକ ସମ୍ପାଦକ ଚନ୍ଦ୍ର ଶେଖର ଜେନା, ଅରବିନ୍ଦ ଜେନା ଏବଂ ଅନ୍ୟ କର୍ମକର୍ତ୍ତା ଏବଂ ସାଧାରଣ ସଭ୍ୟ/ସଭ୍ୟାମାନେ ଉପସ୍ଥିତ ଥିଲେ।

## ମଦ ଦୋକାନ ସିଲ୍

ତୁରୁମୁଙ୍ଗା,୨୩।୫(ସମିସ)

ନିର୍ବାଚନକୁ ଆଖି ଆଗରେ ରଖି ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ଥିବା ସମସ୍ତ ଦେଶୀ ଓ ବେଦେଶୀ ମଦ ଦୋକାନ ଗୁଡିକୁ ମଙ୍ଗଳବାର ପୁଲିସ ଉପସ୍ଥିତିରେ ସିଲ କରାଯାଇଛି। ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମତେ ଏହି ମଦ ଦୋକାନ ଗୁଡିକ ଅଞ୍ଚଳରେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଅର୍ଥାତ ମେ' ୨୫ ସନ୍ଧ୍ୟା ଯାଏ ବନ୍ଦ ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ତାଲିମ ପ୍ରଦାନ

**ବାରିପଦା, ୨୩।୫(ସମିସ):** ସାଧାରଣ ନିର୍ବାଚନରୁ ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରୟାସ ଜାରି ରହିଛି। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୫ ତାରିଖରେ ମତଦାନ ହେବ। ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ କରିବା ନିମନ୍ତେ ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଛି। ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲ୍ଲା ନିମନ୍ତେ ନିୟୋଜିତ ସାଧାରଣ ପର୍ଯ୍ୟବେକ୍ଷକ ଆଇଏଏସ ଅଧିକାରୀ ଡ଼ଃ ଓଁମ ପ୍ରକାଶ ଉପସ୍ଥିତ ରହି ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ନିର୍ବାଚନ ପରିଚାଳନା ନେଇ ତାଲିମ ଦେଇଥିଲେ। ଷଷ୍ଠ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା କରଞ୍ଜିଆ ନିର୍ବାଚନ ମଣ୍ଡଳୀ ନିର୍ବାଚନରେ ବୁଥ ସଂକ୍ରାନ୍ତରେ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ବାଲିଘାଟରେ ଟ୍ରାକ୍ଟରକୁ ମିଳୁନି ବୋଝେଇ

ଆନନ୍ଦପୁର, ୨୩।୫(ସମିସ)



ବୈତରଣୀ ଓ କୁଶେଇ ନଦୀର ବିଭିନ୍ନ ବାଲି ଘାଟରୁ ଟ୍ରାକ୍ଟରକୁ ବାଲି ବୋଝେଇ ଦିଆଯାଉନଥିବାରୁ ଆନନ୍ଦପୁର ଉପଖଣ୍ଡର ଅଧିବାସୀମାନେ ବାଲି ନପାଇ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ପ୍ରତିଦିନ ଶତାଧିକ ହାଇଓା ଯୋଗେ ରାଜ୍ୟର ବିଭିନ୍ନ ସ୍ଥାନକୁ ବାଲି ଚାଲାଣ ହେଉଥିବା ବେଳେ ସାଧାରଣ ଲୋକେ ବାଲି ଅଭାବରୁ ନିଜ ଗୃହର ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ କରିପାରୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର, ଘସିପୁରା ଓ ହାଟଡିହି ତହସିଲ ପକ୍ଷରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବାଲିଘାଟ ନିଲାମ ଦିଆଯାଇଛି। ହେଲେ ଏହି ବାଲି ଘାଟରେ ଟ୍ରାକ୍ଟର ଗୁଡିକୁ ବୋଝେଇ ଦିଆଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁରରୁ ବାଲି ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ବେଳେ ଆନନ୍ଦପୁର ଅଞ୍ଚଳବାସୀ ବାଲି ଅଭାବରୁ ଅସୁବିଧା ଭୋଗ କରୁଥିବା ଜଣାଯାଇଛି। ସାଧାରଣ ଚଳଣୀରେ ଗୃହ ନିର୍ମାଣ ଓ ମରାମତି ପାଇଁ ବାଲିର ଆବଶ୍ୟକତା ଥିବା ବେଳେ ବାଲି ଘାଟରେ ଏପରି କଟକଣା ଯୋଗୁ ଏପରି କୃତ୍ରିମ ଅଭାବ ସୃଷ୍ଟି ହୋଇଛି। ଅପରପକ୍ଷରେ ଘାଟରୁ ଟ୍ରାକ୍ଟର ଗୁଡିକୁ ବାଲି ବୋଝେଇ ଦିଆଯାଉନଥିବାରୁ ସନ୍ଧ୍ୟା ପରେ ଗଳାବାଟରେ ବାଲି ବୋହୁଥିବା ଟ୍ରାକ୍ଟର ଗୁଡିକୁ ପ୍ରଶାସନ ପକ୍ଷରୁ ଧରପଗଡ କରାଯାଉଥିବା ଓ ଟ୍ରାକ୍ଟରଗୁଡିକୁ ଜବତ କରି ବହୁ ପରିମାଣର ଅର୍ଥ ଜରିମାନା ଆଦାୟ କରାଯାଉଥିବାରୁ ଏହି ବାଲି ଅଭାବ ଜନିତ ସମସ୍ୟା ଅଞ୍ଚଳବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଲାଣି। ଏନେଇ କେତେକ ସଚେତନ ନାଗରିକ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ ଉଠାଇଥିଲେ ମଧ୍ୟ ପ୍ରଶାସନିକ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ କରି ପାରିନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଏହି ସମସ୍ୟାର ସମାଧାନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଭାରତ ପରିକ୍ରମାରେ ଭିନ୍ନକ୍ଷମ ଅରବିନ୍ଦ




**ସୋସୋ ,୨୩।୫(ସମିସ):** ବିହାର ପାଟଣାର ଅରବିନ୍ଦ କୁମାର ମିଶ୍ର ବିଭିନ୍ନ ବାର୍ତ୍ତା ନେଇ ଭାରତ ପରିକ୍ରମାରେ ବାହାରିଛନ୍ତି। 'ଝିଅ ବଞ୍ଚାନ୍ତୁ,ଭାରତ ବଞ୍ଚାନ୍ତୁ', 'ରକ୍ତଦାନ କରନ୍ତୁ' ଓ 'ମୋବାଇଲ ବନ୍ଦ କରି ଗାଡି ଚାଳନା କରନ୍ତୁ' ଆଦି ସଚେତନତା ସୃଷ୍ଟି କରିବାକୁ ପୁରୀଠାରୁ ସେ ସମଗ୍ର ଭାରତ ପରିକ୍ରମା କରିବାକୁ ସଂକଳ୍ପ କରିଛନ୍ତି। ଏହାକୁ ନେଇ ୨୦୧୮ ମସିହାରେ ପୁରୀରୁ ଆସି କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକର ତିନିଚକିଆ ସାଇକଲରେ ବିଭିନ୍ନ ଗାଁକୁ ପରିକ୍ରମା କରିଥିଲେ। ୨୦୧୯ରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରୁ ସେ ନିଜ ଗାଁ ପାଟଣାକୁ ଫେରିଯାଇଥିଲେ। ସେ ଜଣେ ଭିନ୍ନକ୍ଷମ। ତାଙ୍କର ଗୋଡିଏ ଗୋଡ କାମ କରୁନାହିଁ। କିନ୍ତୁ ନିଜର ଆତ୍ମ ବିଶ୍ୱାସରେ ପୁର୍ନବାର ଝୁମ୍ପୁରା ବ୍ଲକ ବାରିଆଠାରୁ ନିଜର ସଚେତନତା ସଂକଳ୍ପ ଯାତ୍ରା ଆରମ୍ଭ କରି ହାଟଡିହି ବ୍ଲକର ବିଭିନ୍ନ ଗ୍ରାମ ବୁଲୁଚନ୍ତି। ଏହି ବ୍ଲକ ଶାସଙ୍ଗ ଗ୍ରାମରେ ଏକ କ୍ଲବ ଘରେ ରାତ୍ରୀଯାପନ କରୁଛନ୍ତି ଏକ ତିନି ଚକିଆ ସାଇକଲରେ ବୁଲୁଥିବା ସମୟରେ ବିଭିନ୍ନ ଛକ ବଜାରର ଲୋକମାନେ ତାଙ୍କର ଏଭଳି ସଚେତନତା ବାର୍ତ୍ତାକୁ ପଢି ତାଙ୍କୁ କୃତଜ୍ଞତା ଜଣାଇବା ସହିତ ତାଙ୍କ ଦୁଃସାହସକୁ ପ୍ରଶଂସା କରିଥିଲେ। ଜଣେ ଭିନ୍ନକ୍ଷମ ହୋଇ ମଧ୍ୟ ବର୍ଷ ବର୍ଷ ଧରି ଏଭଳି ସଚେତନତା କାର୍ଯ୍ୟକ୍ରମ କରୁଥିବାରୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏଭଳି ଜଣେ ଭିନ୍ନକ୍ଷମ ବିଭିନ୍ନ ବ୍ଲକ ଓ ଜିଲ୍ଲାକୁ ଏକ ଭଙ୍ଗା ତିନି ଚକିଆ ସାଇକଲରେ ପରିକ୍ରମା କରିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଓଡିଶାର କେବଳର ୩ଟି ଜିଲ୍ଲା ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ବୁଲିବା ବାକି ଥିବା ବେଳେ ଅବଶିଷ୍ଟ ଜିଲ୍ଲାକୁ ପରିକ୍ରମା କରିସାରିଥିବା ସେ କହିଛନ୍ତି।

# ଜିଲ୍ଲାରେ ମୋଟ୍ ୧୭୨୦ଟି ବୁଥ୍‌ରେ ହେବ ମତଦାନ





**କେନ୍ଦୁଝର, ୨୩।୫(ସମିସ)**

କେନ୍ଦୁଝର ଜିଲ୍ଲାରେ ମୋଟ ୧୩ଲକ୍ଷ ୭୧ହଜାର ୬୬୧ଭୋଟର ଥିବାବେଳେ ୧୭୨୦ଟି ବୁଥରେ ମତଦାନ ହେବ ବୋଲି ଜଣାପଡିଛି। ସେଥିମଧ୍ୟରୁ ୬ଲକ୍ଷ ୮୮ହଜାର ୬୦ଜଣ ମହିଳା ଭୋଟର ଓ ୬ଲକ୍ଷ ୮୩ହଜାର ୫୧୫ଜଣ ପୁରୁଷ ଏବଂ ୮୬ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି ବୋଲି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରୁ ଜଣାପଡିଛି। ଏଥିମଧ୍ୟରୁ ତେଲକୋଇ ନିର୍ବାଚନମଣ୍ଡଳୀରେ ୧ଲକ୍ଷ ୧୭ହଜାର ୯୩୨ପୁରୁଷ, ୧ଲକ୍ଷ ୨୦ହଜାର ୪୮୬ମହିଳା ଓ ୮ଜଣ ତୃତୀୟ ଲିଙ୍ଗ ଭୋଟରଙ୍କୁ ମିଶାଇ ମୋଟ ୨ଲକ୍ଷ ୩୮ହଜାର ୪୨୬ ଜଣ ଭୋଟର ୩୨୧ଟି ବୁଥରେ ଭୋଟ ଦେବେ ବୋଲି ଜଣାପଡିଛି। ଘଷିପୁରା ନିର୍ବାଚନମଣ୍ଡଳୀରେ ୧ଲକ୍ଷ ୧୪ହଜାର ୩୪୬ ପୁରୁଷ, ୧ଲକ୍ଷ ୧୩ହଜାର ୯୯୩ମହିଳା ଓ ୬୦ଜଣ ତୃତୀୟ ଲିଙ୍ଗ ଭୋଟରଙ୍କୁ ମିଶାଇ ୨ଲକ୍ଷ ୨୮ହଜାର ୩୯୯ ଜଣ ଭୋଟର ଅଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୩୦୦ଟି ବୁଥ୍ କରାଯାଇଛି। ବୁଥରେ ଭୋଟ ଦେବେ ବୋଲି ଜଣାପଡିଛି। ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ୧ଲକ୍ଷ ୧୭ହଜାର ୬୮୮ପୁରୁଷ ଓ ୧ଲକ୍ଷ ୧୫ହଜାର ୫୦୬ମହିଳା ଓ ୯ଜଣ ତୃତୀୟ ଲିଙ୍ଗ ଭୋଟରଙ୍କୁ ମିଶାଇ ୨ଲକ୍ଷ ୩୩ ହଜାର ୨୦୩ ଜଣ ଭୋଟର ୨୯୧ଟି ବୁଥରେ ଭୋଟ ଦେବେ ବୋଲି ଜଣାପଡିଛି। ପାଟଣା ନିର୍ବାଚନମଣ୍ଡଳୀରେ ୧ଲକ୍ଷ ୫ହଜାର ୫୦୮ପୁରୁଷ, ୧ଲକ୍ଷ ୬ହଜାର ୨୨୮ମହିଳା ଓ ୨ଜଣ ତୃତୀୟ ଲିଙ୍ଗ ଭୋଟରଙ୍କୁ ମିଶାଇ ୨ଲକ୍ଷ ୧୧ହଜାର ୭୩୮ ଜଣ ଭୋଟର ଅଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୨୭୩ ଟି ବୁଥ୍ କରାଯାଇଛି। କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀରେ ୧ଲକ୍ଷ ୧୩ହଜାର ୪୨୮ପୁରୁଷ, ୧ଲକ୍ଷ ୧୫ହଜାର ୯୩୫ ମହିଳା ଭୋଟରଙ୍କୁ ମିଶାଇ ୨ଲକ୍ଷ ୨୯ହଜାର ୩୬୩ ଜଣ ଭୋଟର ରହିଥିବାବେଳେ ୨୮୩ ଟି ବୁଥ କରାଯାଇଛି। ଚମ୍ପୁଆ ନିର୍ବାଚନମଣ୍ଡଳୀରେ ୧ଲକ୍ଷ ୧୪ହଜାର ୬୧୩ ପୁରୁଷ, ୧ଲକ୍ଷ ୧୫ହଜାର ୯୧୨ମହିଳା ଓ ୭ଜଣ ତୃତୀୟ ଲିଙ୍ଗ ଭୋଟରଙ୍କୁ ମିଶାଇ ୨ଲକ୍ଷ ୩୦ହଜାର ୫୩୨ ଜଣ ଭୋଟର ଅଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୨୫୨ଟି ବୁଥ୍ ସହିତ ୨ଟି ସହାୟକ ବୁଥ୍ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଜିଲ୍ଲାରେ ମୋଟ ୧୭୪ଟି ସଖୀ ବୁଥ୍, ଦିବ୍ୟାଙ୍ଗ ମାନଙ୍କ ପାଇଁ ସ୍ୱତନ୍ତ୍ର ଗୋଟିଏ ବୁଥ୍, କେବଳ ଯୁବ ପୋଲିଂ କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ୩୦ଟି ବୁଥ୍, ଇକୋ ଫ୍ରେଣ୍ଡଲି ୧୫ଟି ବୁଥ୍ କରାଯାଇଥିବା ସୂଚନା ମିଳିଛି। ସେହିପରି ନିର୍ବାଚନ ପରିଚାଳନା ନିମନ୍ତେ ଜିଲ୍ଲାରେ ମୋଟ ୩୨୨୪ ଜଣ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିବା ଜଣାପଡିଛି।

- ୧୭୪ଟି ସଖୀ ବୁଥ୍
- ଦିବ୍ୟାଙ୍ଗଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର
- ୩୦ଟିରେ ଯୁବ ପୋଲିଂ କର୍ମଚାରୀ
- ୧୫ଟି ଇକୋ ଫ୍ରେଣ୍ଡଲୀ



## ବୁଥ୍ ଅଭିମୁଖେ ବାହାରିଲେ ପୁଲିଂ ଅଧିକାରୀ



**କେନ୍ଦୁଝର,୨୩।୫(ସମିସ):** ଆଉ ଦିନକ ପରେ କେନ୍ଦୁଝର ଲୋକସଭା ସମେତ ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି ସାଧାରଣ ନିର୍ବାଚନ। ଏହି ନିର୍ବାଚନ ନିମନ୍ତେ ଗୁରୁବାର ବିଭିନ୍ନ ସ୍ଥାନକୁ ଇଭିଏମ୍ ମେସିନ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସାମଗ୍ରୀ ସହିତ ପୁଲିଂ ଅଧିକାରୀମାନେ ଗସ୍ତ କରିଛନ୍ତି। ଏଥିନିମନ୍ତେ ମାଇନିଂ ସ୍ଥିତ କେନ୍ଦୁଝର ଖଣି ଯାନ୍ତ୍ରିକ ବିଦ୍ୟାଳୟ ପଡିଆରୁ ପୁଲିଂ ଅଧିକାରୀମାନେ ସେମାନଙ୍କର ଗସ୍ତ ଆରମ୍ଭ କରିଛନ୍ତି। ବିଶେଷ କରି କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ଏବଂ ତେଲକୋଇ ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ପୁଲିଂ ଅଧିକାରୀମାନେ ସେମାନଙ୍କର ପୁଲିଂ ବୁଥ୍ ଅଞ୍ଚଳକୁ ଗସ୍ତ କରିଛନ୍ତି। ମୋଟାମୋଟି ଭାବେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀ ନିମନ୍ତେ ୩୨୨୪ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀ, ୧୭ କମ୍ପାନୀ ସିଏପିଏଫ୍, ୪୫ ସେକ୍ସନ ଏସ୍ଏପି ସାମିଲ ହୋଇଛନ୍ତି। ତେଲକୋଇ ନିର୍ବାଚନ ମଣ୍ଡଳୀ ନିମନ୍ତେ ଜଣେ ଅତିରିକ୍ତ ଏସ୍‌ପି ୨ଜଣ, ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର, ୫୯ଜଣ ସବ୍‌ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ଇନ୍ସପେକ୍ଟର,୨୪୫ ଜଣ କନଷ୍ଟେବଳ,୧୯୭ ହୋମଗାର୍ଡ, ୩୫ ଜଣ ଗ୍ରାମରକ୍ଷୀଙ୍କୁ ମିଶାଇ ୫୪୫ ଜଣ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ନିମନ୍ତେ ଜଣେ ଅତିରିକ୍ତ ଏସ୍‌ପି, ୨ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର, ୫୪ ଜଣ ସବ୍‌ଇନ୍ସପେକ୍ଟର, ୨୪୨ ଜଣ କନଷ୍ଟେବଳ, ୧୧ ଜଣ ହୋମଗାର୍ଡ ଏବଂ ୨୨୦ ଜଣ ଗ୍ରାମରକ୍ଷୀଙ୍କୁ ମିଶାଇ ୫୩୭ ଜଣ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୫୩୨ ଜଣ, ଘସିପୁରା ନିର୍ବାଚନ ମଣ୍ଡଳୀରେ ୫୪୫ ଜଣ, ପାଟଣା ନିର୍ବାଚନ ମଣ୍ଡଳୀରେ ୫୨୧ ଜଣ ଏବଂ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୪୯୩ ଜଣ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସୂଚନା ଅନୁସାରେ, ତେଲକୋଇ ନିର୍ବାଚନ ମଣ୍ଡଳୀରେ ୨୯ଟି, ଘସିପୁରା ନିର୍ବାଚନ ମଣ୍ଡଳୀରେ ୪୭ଟି, ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୩୩ଟି, ପାଟଣା ନିର୍ବାଚନ ମଣ୍ଡଳୀରେ ୧୬ଟି, କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ୧୦ଟି ଏବଂ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୪୪ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଛି। ଜିଲ୍ଲାର ନିର୍ବାଚନ ନିମନ୍ତେ ୧୮୦୦ ଗାଡିମୋଟର ନିୟୋଜିତ ଥିବାବେଳେ ୧୯୧ ଜଣ ସେକ୍ଟର ଅବଜରଭର, ୧୨୦ ମୋବାଇଲ ପାର୍ଟି ନିୟୋଜିତ ଥିବା ଜଣାପଡିଛି।

## ସରିଲା ପ୍ରଚାର; ୨୫ରେ ଭାଗ୍ୟ ନିର୍ଦ୍ଧାରଣ



**ଆନନ୍ଦପୁର, ୨୩।୫(ସମିସ):** ଆସନ୍ତା ୨୫ ତାରିଖରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଆଜିଠାରୁ ପ୍ରଚାର ଶେଷ ହୋଇଛି। ଏହି କ୍ରମରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସେମାନଙ୍କର ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର, ଶୋଭାଯାତ୍ରା, ପଦଯାତ୍ରା, ବାଇକ୍ ଶୋଭାଯାତ୍ରା, ପଥପ୍ରାନ୍ତ ସଭା ଓ ସାଧାରଣ ସଭା ଉପରେ ଆଜିଠାରୁ କଟକଣା ଲାଗୁ ହୋଇଛି। ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୯୧ଟି ବୁଥ୍‌ରେ ୭ ଜଣ ପ୍ରତିଦ୍ୱନ୍ଦୀ ଓ ଘସିପୁରା ବିଧାନସଭା ନିର୍ବାଚନୀ ମଣ୍ଡଳୀର ୩୦୦ ବୁଥ୍‌ରେ ୧୩ ଜଣ ପ୍ରତିଦ୍ୱନ୍ଦୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ ଆସନ୍ତା ୨୫ ତାରିଖରେ। ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ୧୧୭୬୮୮ ଜଣ ପୁରୁଷ, ୧୧୫୫୦୬ ଜଣ ମହିଳା ଓ ୯ ଜଣ ତୃତୀୟ ଲିଙ୍ଗିଙ୍କୁ ମିଶାଇ ସମୁଦାୟ ୨ ଲକ୍ଷ ୩୩ ହଜାର ୨୦୩ ଜଣ ଭୋଟର ରହିଥିବା ବେଳେ ଘସିପୁରା ବିଧାନସଭା କ୍ଷେତ୍ରରେ ୧,୧୪,୩୪୬ ଜଣ ପୁରୁଷ ଭୋଟର, ୧,୧୩,୩୯୯ ଜଣ ମହିଳା ଓ ୬୦ ଜଣ ତୃତୀୟଲିଙ୍ଗିଙ୍କୁ ମିଶାଇ ସମୁଦାୟ ୨ ଲକ୍ଷ ୨୮ ହଜାର ୩୯୯ ଜଣ ଭୋଟର ନିଜ ମନପସନ୍ଦର ପ୍ରାର୍ଥୀଙ୍କ ସପକ୍ଷରେ ମତସାବ୍ୟସ୍ତ କରିବେ।

## କନକ ମଞ୍ଜରୀ ମହାବିଦ୍ୟାଳୟରେ ପୁଲିଂ ପାର୍ଟି



**ଆନନ୍ଦପୁର, ୨୩।୫(ସମିସ):** ଆସନ୍ତା ୨୫ ତାରିଖରେ ହେବାକୁ ଥିବା ନିର୍ବାଚନ ପ୍ରଚାର ପାଇଁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଶାଳପଡାସ୍ଥିତ ମହିଳା ମହାବିଦ୍ୟାଳୟଠାରେ ହୋଇଥିବା ଇଭିଏମ ହବ୍, ଷ୍ଟ୍ରଙ୍ଗ ରୁମ୍ ଓ ବିଭିନ୍ନ ବୁଥ୍ ପାଇଁ ଆବଶ୍ୟକୀୟ ମତଦାନ ଉପକରଣ ଗ୍ରହଣ କେନ୍ଦ୍ରରେ ପ୍ରସ୍ତୁତି କରାଯାଇଥିବା ବେଳେ ଆଜି ସମସ୍ତ କାଉଣ୍ଟର ଗୁଡିକରେ ସରକାରୀ କର୍ମଚାରୀମାନେ ନିୟୋଜିତ ହୋଇ ସମସ୍ତ ବ୍ୟବସ୍ଥାର ତଦାରଖ ଚଳାଇଥିବା ଜଣାଯାଇଛି। ଆନନ୍ଦପୁର ବିଧାନସଭା କ୍ଷେତ୍ରର ୨୯୧ ବୁଥ୍ ଓ ଘସିପୁରା ବିଧାନସଭା କ୍ଷେତ୍ରର ୩୦୦ ବୁଥ୍‌ରେ ମତଦାନ ପାଇଁ ୫୯୧ ପୁଲିଂ ପାର୍ଟି ପାଇଁ ସମସ୍ତ ପ୍ରକାର ଆୟୋଜନ ଓ ବ୍ୟବସ୍ଥା ଶେଷ ହୋଇଛି। ପ୍ରଶାସନ ପକ୍ଷରୁ ଏହି ରିସିଭିଂ ସେଣ୍ଟର ପରିସରରେ ପୋଲିଂ ପାର୍ଟି ମାନଙ୍କ ପାଇଁ ପ୍ରତୀକ୍ଷାଳୟ, ଶୌଚାଳୟ ଓ ପିଇବା ପାଣିର ସୁବିଧା କରାଯାଇଥିବା ବେଳେ ଅପରପାର୍ଶ୍ୱ ପଡିଆରେ ପୁଲିଂ ପାର୍ଟିମାନଙ୍କୁ ବିଭିନ୍ନ ବୁଥ୍‌ରେ ଛାଡିବା ପାଇଁ ଆବଶ୍ୟକୀୟ ଯାନବାହନର ବ୍ୟବସ୍ଥା କରାଯାଇଛି। ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ ଏବଂ ଅତିରିକ୍ତ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କୁ ନିର୍ବାଚନ କାର୍ଯ୍ୟରେ ସହକାରୀ ଜିଲ୍ଲାପାଳ ସୁଶ୍ରୀ ବନଜା ପାତ୍ର, ଡେପୁଟି କଲେକ୍ଟର ଅଭିପ୍ସା ମହାନ୍ତି, ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ଭଳ, ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ଆନନ୍ଦପୁର ବିଡିଓ ଯୋଗରଞ୍ଜନ ନାୟକ, ଘସିପୁରା ବିଡିଓ ମାନସ ରଞ୍ଜନ ସାମଲଙ୍କ ସମେତ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ପୁଲିଂ ପାର୍ଟିଙ୍କ ପାଇଁ ଆବଶକୀୟ କାର୍ଯ୍ୟରେ ସହଯୋଗ କରୁଥିବା ଜଣାଯାଇଛି।

## ପାଟଣା ନିର୍ବାଚନୀ ମଣ୍ଡଳୀରେ ୧୦ ସଖୀ ବୁଥ୍



**ତୁରୁମୁଙ୍ଗା,୨୩।୫(ସମିସ):** କେନ୍ଦୁଝର ଜିଲ୍ଲାରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ ହେବାକୁ ଯାଉଛି। ଗୁରୁବାର ସନ୍ଧ୍ୟାରୁ ପ୍ରଚାର ଶେଷ ହୋଇଥିବା ବେଳେ ବୁଥ ଅଭିମୁଖେ ପୋଲିଂ ପାର୍ଟି ଇଭିଏମ୍ ଧରି ଯାଇଛନ୍ତି। ଚଳିତ ନିର୍ବାଚନରେ ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ରଣାଙ୍ଗନରେ ୧୦ ବିଧାୟକ ପ୍ରାର୍ଥୀ ଥିବା ବେଳେ କେନ୍ଦୁଝର ଲୋକସଭା ପାଇଁ ୧୧ ଜଣ ସାଂସଦ ପ୍ରାର୍ଥୀ ରହିଛନ୍ତି। ପାଟଣା ନିର୍ବାଚନ ମଣ୍ଡଳୀର ୨୭୩ଟି ବୁଥରେ ମୋଟ ୨ ଲକ୍ଷ ୧୧ ହଜାର ୭୩୮ ଜଣ ଭୋଟର ମତଦାନ ଦେବାକୁ ଥିବାବେଳେ ଏମାନଙ୍କ ମଧ୍ୟରେ ଏକ ଲକ୍ଷ ୫ ହଜାର ୫୦୮ ଜଣ ମହିଳା ଭୋଟର, ୧ଲକ୍ଷ ୬ ହଜାର ୨୨୮ ଜଣ ପୁରୁଷ ଏବଂ ତୃତୀୟ ଲିଙ୍ଗ ଭୋଟର ୨ ଜଣ ରହିଛନ୍ତି। ମହିଳାମାନଙ୍କ ପାଇଁ ପାଟଣା ନିର୍ବାଚନ ମଣ୍ଡଳୀରେ ପାଟଣା ଓ ସାହାରପଡା ବ୍ଲକରେ ୧୦ଟି ସଖୀ ବୁଥ ହୋଇଥିବା ବେଳେ ପାଟଣା ନିର୍ବାଚନ ମଣ୍ଡଳୀର ୧୬୪ଟି ବୁଥ୍‌ରେ ମତଦାନର ଭିଡିଓ ଗ୍ରାଫି କରାଯିବାର ବ୍ୟବସ୍ଥା କରାଯାଇଛି। ମୋଟ ୧୬ଟି ବୁଥ ସମ୍ବେଦନଶୀଳ ଥିବା ବେଳେ ଏଠାରେ ଭିଡିଓଗ୍ରାଫି କରାଯିବ। ଶାନ୍ତିଶୃଙ୍ଖଳା ପାଇଁ ଡିଏସ୍‌ପି ୨ ଜଣ, ୪ ଜଣ ଇନିସ୍ପେକ୍ଟର, ୫୦ ଜଣ ଏସ୍ଆଇଙ୍କ ସମେତ ୫୨୧ ଜଣ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି ୬ଟି ଫ୍ଲାଇଂ ସ୍କ୍ୱାର୍ଡ ସହ ୬ଟି ଏସ୍ଏସଟି ଟିମ୍, ୨ ଭିଏସଟିମ୍‌ଙ୍କ ସହ ଅବଜର୍ଭର ନିୟୋଜିତ ହୋଇଛନ୍ତି।

## ବୁଥ୍ ଅଭିମୁଖେ ପୋଲିଂ ପାର୍ଟି



**ଚମ୍ପୁଆ, ୨୩।୫(ସମିସ):** ପାଟଣା ବିଧାନସଭା କ୍ଷେତ୍ର ଓ ଚମ୍ପୁଆ ବିଧାନସଭା କ୍ଷେତ୍ର ପାଇଁ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ହୋଇଥିବା ନିର୍ବାଚନ ବିତରଣ କେନ୍ଦ୍ରରୁ ପୋଲିଂ ପାର୍ଟିମାନେ ମତଦାନ ନିମନ୍ତେ ଆବଶ୍ୟକ ଉପକରଣ ମାନ ଧରି ପାଟଣା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପୋଲିଂ ପାର୍ଟି ମାନେ ଆବଶ୍ୟକ ଇଭିଏମ୍, ଭିଭିପାଟ ଆଦି ସାଙ୍ଗରେ ନେଇଥିବା ବେଳେ ଏହି ନିର୍ବାଚନ ମଣ୍ଡଳି ଦାୟିତ୍ୱରେ ଥିବା ରିଟର୍ଣ୍ଣି ଅଫିସର ତଥା ଏଡିଏମ୍ ଯଦୁମଣୀ ମାହାଲା ସୂଚନା ଦେଇଛନ୍ତି। ପାଟଣା କ୍ଷେତ୍ରର ୨୭୩ଟି ମତଦାନ କେନ୍ଦ୍ର ପାଇଁ ୧୬୩୫ରୁ ଊର୍ଦ୍ଧ୍ୱ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ବିଭିନ୍ନ ପୋଲିଂ ପାର୍ଟି ମାନେ ଉପସ୍ଥିତ ଅଧିକାରୀ ମାନଙ୍କ ଠାରୁ ପୋଲିଂ ପାଇଁ ଆବଶ୍ୟକ କାଗଜ ପତ୍ର ଧରି ଉଦ୍ଦିଷ୍ଟ ଗାଡି ଗୁଡିକରେ ମତଦାନ ବୁଥକୁ ଯାତ୍ରା ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

## କାଠକଟାରେ ବିଜେଡିର ମିଶ୍ରଣ ପର୍ବ

**ଆନନ୍ଦପୁର,୨୩।୫(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର କାଠକଟା ପଞ୍ଚାୟତରେ ବିଜୁ ଜନତା ଦଳର ମିଶ୍ରଣ ପର୍ବ ଓ ମାରାଥନ ପ୍ରଚାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବିଚିତ୍ର କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ମିଶ୍ରଣ ପର୍ବରେ ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଜେଡି ଯୁବନେତା ଦେବପ୍ରିୟ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଜିତେନ୍ଦ୍ର ସାମଲ, ମୁନା ସାମଲ ଯୋଗ ଦେଇ କାଠକଟା ପନଚାୟତର ବିଭିନ୍ନ ଗ୍ରାମରୁ ଆସି ସାମିଲ ହୋଇଥିବା ଯୁବ ସଂଗଠକମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାଂଗଠନିକ ଦକ୍ଷତା ଓ ସ୍ୱଚ୍ଛ ଶାସନ ଉପରେ ଆସ୍ଥା ପ୍ରକଟ କରି ପୂର୍ବରୁ କାଠକଟା ପଞ୍ଚାୟତର ସାଂଗଠନିକ ନେତୃତ୍ୱ ନେଉଥିବା ପୂର୍ବତନ ସରପଞ୍ଚ ଅଜୟ ଜେନା, ସନାତନ ହୋ, ଟୁରି ହୋ, ନାଥ ହୋ, ବୁଟୁ ହୋ ନିଜର ଶତାଧିକ ସମର୍ଥକମାନଙ୍କୁ ନେଇ ଆଜିର ଏହି ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ପରେ ଏକ ବାଇକ୍ ଶୋଭାଯାତ୍ରାରେ ମାରାଥନ ପ୍ରଚାର କରାଯାଇଥିଲା। ଗ୍ରାମଦେବତୀଙ୍କ ପୀଠରେ ବିଜୁ ଜନତା ଦଳ ଆନନ୍ଦପୁର ପ୍ରାର୍ଥୀ ଅଭିମନ୍ୟୁ ସେଠୀ ପୂଜାର୍ଚ୍ଚନା କରିବା ପରେ ଦଳୀୟ ପତାକା ଦେଖାଇ ଏହି ବାଇକ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ପରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଏକ ବିରାଟ ବାଇକ ଶୋଭାଯାତ୍ରାରେ ବୁଢୀକୁଦ ପଞ୍ଚାୟତର କାଠକଟା ପଞ୍ଚାୟତର ସାହିବସ୍ତିକୁ ପରିକ୍ରମା କରି ବିଜୁ ଜନତା ଦଳର ବିକାଶର ବାର୍ତ୍ତା ପ୍ରଚାର କରିଥିଲେ। କାର୍ଯ୍ୟକ୍ରମକୁ ଯୁବନେତା ମନ୍ଦର ଜେନା, ଗୟାଧର ଧଳ, ସ୍ୱଦେଶ ସାମଲ, ସୂର୍ଯ୍ୟମଣୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ





**ଆନନ୍ଦପୁର,୨୩।୫ (ସମିସ):** ଆନନ୍ଦପୁର ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିର ଅନୁଧ୍ୟାନ ପାଇଁ ଆଜି ଆନନ୍ଦପୁର ସହରରେ ସୀମା ସୁରକ୍ଷା ବାହିନୀ, ସିଆଇଏସଏଫ୍‌ର ଯବାନମାନେ ଫ୍ଲାଗମାର୍ଚ୍ଚ କରିଥିବା ଜଣାଯାଇଛି। ଏତଦବ୍ୟତିତ ବିଭିନ୍ନ ଅଞ୍ଚଳରେ ସିଆଇଏସ୍ଏଫ୍ ଯବାନମାନଙ୍କୁ ନେଇ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗର୍ଡ଼ୁଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଏଡିପିଓ ପ୍ରଶାନ୍ତ କୁମାର ବେହେରା, ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ଏସ୍ଆଇ ଅଭିମନ୍ୟୁ ଦାସ, ଏଏସଆଇ ସୁରେନ୍ଦ୍ର ଗିରି ଉପସ୍ଥିତ ରହି ପୁଲିସ ବାହିନୀକୁ ପରିଚାଳନା କରିଥିଲେ।

**ତୁରୁମୁଙ୍ଗା:** ନିର୍ବାଚନକୁ ଅବାଧ ନିରପେକ୍ଷ ସହ ଶାନ୍ତିଶୃଙ୍ଖଳା ସହିତ ସମାପନ କରିବା ପାଇଁ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଓ ପାଟଣା ଥାନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ତୁରୁମୁଙ୍ଗା ଥାନା ପରିସରରୁ ପୁଲିସ ଏବଂ ସିଆର୍‌ପିଏଫ୍ ଯବାନ ବାହାରି ତୁରୁମୁଙ୍ଗା ବଜାର ପରିକ୍ରମା କରିବା ସହ ରାଜନଗର କେନ୍ଦେଇପଶି, ବଲାଣିପଶି, କଣ୍ଟିଆପଡା, ବାଉଁଶୁଳି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାରେ ସମାପନ ହେବ ସେ ନେଇ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ପୁଲିସ କହିଛି। ସେହିପରି ଫ୍ଲାଇଂ ସ୍କ୍ୱାଡ, ଏସ୍ଏସ୍‌ଟି, ଟିମ୍ ପକ୍ଷରୁ ମ୍ୟାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତି ୪୯ ନମ୍ବର ଜାତୀୟ ରାଜପଥର ବାଉଁଶୁଳି, ଶରଧାପୁର ଖିରେଇଟାଙ୍ଗିରୀ ଟୋଲଗେଟ ନିକଟରେ ଏବଂ କେନ୍ଦୁଝର ମୟୂରଭଞ୍ଜ ସୀମାନ୍ତ ବୈତରଣୀ ପୋଲ ନିକଟରେ। ସେହିପରି କେନ୍ଦୁଝର ପାଟଣା ରାସ୍ତାର କେନ୍ଦେଇପଶି ନିକଟରେ ୨୨୦ ନମ୍ବର ଜାତୀୟ ରାଜପଥର ମଙ୍ଗଳପୁର, ଖଜୁରିଡିହା ଓ ଦେଓ ନଦୀ ନିକଟରେ ବାଇକ୍ ଡିକି, କାର ଡିକିକୁ ପୁଲିସ ଉପସ୍ଥିତିରେ ଯାଞ୍ଚ କରାଯାଉଛି। ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ଆସିଷ୍ଟାଣ୍ଟ ଅବଜରଭର ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ ଓ ସାହାରପଡ଼ା ତହସିଲଦାର ପ୍ରେମାନନ୍ଦ ଖଣ୍ଡେଇଙ୍କ ନେତୃତ୍ୱରେ ବିଭିନ୍ନ ଟିମ୍ ପକ୍ଷରୁ ଗାଡ଼ିଗୁଡ଼ିକୁ କଡାକଡି ଯାଞ୍ଚ କରାଯାଉଛି।



**ଚମ୍ପୁଆ,** ଚମ୍ପୁଆରେ ଚଳିତ ସାଧାରଣ ନିର୍ବାଚନକୁ ସୁଚାରୁ ରୂପେ ପରିଚାଳନା ପାଇଁ ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଶୃଙ୍ଖଳିତ ଭୋଟ ଦାନ ଓ ଭୋଟ ଦାନ ପୂର୍ବ ଦିନ ଗୁଡିକରେ ଯେପରି ଭୋଟ ପାଇଁ ଅର୍ଥ ପ୍ରଲୋଭନ ଓ ବାହୁବଳ ପ୍ରୟୋଗ ନହୁଏ ସେଥିପ୍ରତି ପୁଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି। କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ନିର୍ଦ୍ଦେଶ କ୍ରମେ ଥାନା ଅଧିକାରିଣୀ ଦେବକୀ ନାଏକଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏହି ଫ୍ଲାଗମାର୍ଚ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫ୍ଲାଗମାର୍ଚ୍ଚରେ ଚମ୍ପୁଆ ପୁଲିସ, ସିଆର୍‌ପିଏଫ୍, ବିଏସ୍ଏଫ୍ ଓ ଓଏସପି ବାଟାଲିଅନର ଯବାନମାନେ ଏନ୍ଏସିର ୧୩ ଗୋଟି ୱାର୍ଡ ସମେତ ସୁନାପୋଶି, ଇନ୍ଦ୍ରପ୍ରସ୍ଥ, ବାଙ୍କ ଆଦି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଛନ୍ତି। ସେହିପରି ରାତ୍ରି ୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବାଇକ୍ ରାଲି କରି ରିମୁଳି ଓ କରଜିଆ ପଞ୍ଚାୟତ ସମସ୍ତ ଗାଁ ପରିକ୍ରମା କରିଥିଲେ। ବିଶେଷ ଭାବେ ରାତ୍ରୀକାଳିନ ଫ୍ଲାଗମାର୍ଚ୍ଚ ଯୋଗୁଁ ଭୋଟକୁ ପ୍ରଭାବିତ କରୁଥିବା ଅସାମାଜିକ ବ୍ୟକ୍ତି ବିଶେଷମାନଙ୍କ ପାଇଁ ଏହା ଏକ ସତର୍କ ଘଣ୍ଟି ବୋଲି ଜଣାଯାଇଛି। ଅନ୍ୟପକ୍ଷରେ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଲୋକଙ୍କ ଭିତରେ ମନୋବଳ ବୃଦ୍ଧି କରାଯିବା ଏହି ଫ୍ଲାଗମାର୍ଚ୍ଚର ଉଦ୍ଦେଶ୍ୟ ବୋଲି ଜଣାଯାଇଛି।

## ଦଳିୟ ପ୍ରାର୍ଥୀଙ୍କ ପ୍ରଚାରରେ ଜିଲ୍ଲା ମହିଳା ବିଜେଡି ସଭାପତି



**ଚମ୍ପୁଆ, ୨୩।୫(ସମିସ):** ଗୁରୁତ୍ୱପୂର୍ଣ୍ଣ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ ଓ କେନ୍ଦୁଝର ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଧୁଙ୍କ ସପକ୍ଷରେ ପଞ୍ଚାୟତ ସ୍ତରୀୟ ନିର୍ବାଚନି ପ୍ରଚାରକୁ ଜୋର କରିଛନ୍ତି ଜିଲ୍ଲା ମହିଳା ସଭାପତି ରମଣୀ ନାଏକ। ଚଳିତ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ବିପୁଳ ପରିମାଣରେ ବିଜୟ କରିବାକୁ ଆହ୍ୱାନ ଦେଇଛନ୍ତି। ମହିଳା ସଭାପତି ଘରକୁ ଘର ବୁଲି ବିଜୁ ଜନତା ଦଳର ଲୋକାଭିମୁଖି କାର୍ଯ୍ୟ ଗୁଡିକୁ ଭୋଟର ମାନଙ୍କୁ ଅବଗତ କରିବା ସହିତ ମହିଳା ସଶକ୍ତିକରଣରେ ବିଜୁ ଜନତା ଦଳର ଆଭିମୁଖ୍ୟକୁ ଉପସ୍ଥାପିତ କରିଛନ୍ତି। ସଭାପତି ରମଣୀ ନାଏକ ମୌଦି, ଗୁଲୁଦିପଶି, ଭଣ୍ଡା, ଉଛବାଲି, ରଙ୍ଗାମାଟିଆ ଅଞ୍ଚଳରେ ଶତାଧିକ କର୍ମୀଙ୍କ ସହାୟତାରେ ପଦଯାତ୍ରାକରି ପ୍ରଚାରକୁ ଜୋର କରିଥିଲେ। ଏହି ମାରାଥନ ପ୍ରଚାରରେ ସରପଞ୍ଚ ଓ ସମିତି ସଭ୍ୟ ସମେତ ୱାର୍ଡମେମ୍ବରମାନେ ସାମିଲ ହୋଇଥିବା ବେଳେ ସ୍ଥାନିୟ ଗ୍ରାମବାସୀ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

